READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଶୀତ ପାଇଁ ବସ୍ତ୍ର ପସରା ...

ବର୍ଷ-୩ ସଂଖ୍ୟା-୪୬ ୨ - ୮ ଡିସେମ୍ବର, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-46 2nd - 8th DECEMBER, 2019 BHUBANESWAR ₹ 5/- (8 Pages)

## ଫେଲ୍ ମାରୁଛି ବିଜେପି ରଣନୀତି !

**ଭୁବନେଶ୍ୱର, (ତାରକ ମହାନ୍ତି) :** ମହାରାଷ୍ଟ୍ରରେ ସରକାର ଗଢ଼ିବା ନେଇ ଦେଖା ଦେଇଥିବା ଅଚଳାବସ୍ଥାକୁ ଦୂର କରି ଏକ ନାଟକୀୟ ଢଙ୍ଗରେ ବିଜେପି-ଏନ୍‌ସିପି ମେଣ୍ଟ ସରକାର ଗଠନ କରିଥିଲେ ଓ ଦେବେନ୍ଦ୍ର ଫଡନାଭିସ୍ ଦ୍ୱିତୀୟଥର ଲାଗି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏଥିରେ ଏନ୍‌ସିପିର ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ପଦ ଭାବେ ଶପଥ ଗ୍ରହଣ କରିଥିଲା ବେଳେ ମାତ୍ର ୮୦ ଘଣ୍ଟା ଭିତରେ ତାଙ୍କ ସରକାରର ପତନ ଘଟିଥିଲା। ପୂର୍ବରୁ ଶିବସେନା ନେତା ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ସରକାର ଗଠନ ହେବାକୁ ନେଇ ନାନା କଳ୍ପନା ଜଳ୍ପନା ଚାଲିଥିଲେ ବି ରାତି ଅଧିଆ ସବୁକିଛି ବଦଳି ଯାଇଥିଲା। ଶପଥ ଗ୍ରହଣ ବେଳେ ମହାରାଷ୍ଟ୍ର ବାସୀଙ୍କୁ ସ୍ଥାୟୀ ସରକାର ଦେବା କଥା କହିଥିଲେ ଫଡନାଭିସ୍। ହେଲେ ଏଭଳି ଦମ୍ଭ ବେଶୀ ସମୟ ଟେକିପାରିଲା ନାହିଁ। ବରଂ ସେଠାରେ ଫଡନାଭିସ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଏବଂ କଂଗ୍ରେସ, ଏନ୍‌ସିପି ସମର୍ଥନରେ



ଶିବସେନାର ଶ୍ରୀ ଠାକରେ ପୁଣି ମହାରାଷ୍ଟ୍ରର ୧୮ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଫଡନାଭିସ୍ ଦାୟିତ୍ୱ ନେଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଥିଲେ। ହେଲେ ବିଜେପି ପାଇଁ ଏହି ଖୁସି ବେଶୀ ସମୟ ତିଷ୍ଠି ପାରିଲା ନାହିଁ। ଏଥିରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ କିମ୍ବା କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ କେହିବି ଫଡନାଭିସ୍ ସରକାରର ପତନକୁ ଅଟକାଇ ପାରିନଥିଲେ। ପୂର୍ବ ଯୋଜନା ଅନୁଯାୟୀ ଏନ୍‌ସିପି ମୁଖିଆ ଶରଦ ପାୱାର ତାଙ୍କ ପାୱାର ଦେଖାଇବାରେ ସଫଳ ହେଲେ। ଏଥିରୁ ସ୍ପଷ୍ଟ ଜଣାପଡ଼ିଲା ଯେ, ବିଜେପି ଅପେକ୍ଷା ମହାରାଷ୍ଟ୍ରରେ ପାୱାରଙ୍କ କ୍ଷମତା ଅଧିକ। ଏ ପ୍ରସଙ୍ଗରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯାହା କହିଲେ ବି ଏନ୍‌ସିପି, କଂଗ୍ରେସ ଓ ଶିବସେନାର ମେଣ୍ଟ ପୂର୍ବ ନିର୍ଦ୍ଧାରିତ ଥିଲା। ଯଦିଓ ନିର୍ବାଚନ ବେଳେ ବିଜେପି-ଶିବସେନା ଏକାଠି କହି ଜନମତ ହାସଲ କରିଥିଲେ କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଭାଗ ନଛାଡିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଚର୍ଚ୍ଚା ଜୋର ଧରିଛି। କେହି କେହି କହୁଛନ୍ତି ଯେ, ଦିନକୁ ଦିନ ବିଜେପିର ଚାଲ ଫେଲ୍ ମାରୁଛି। ଏ ପ୍ରସଙ୍ଗରେ ପଶ୍ଚିମବଙ୍ଗରେ ନିକଟରେ ଅନୁଷ୍ଠିତ ଉପନିର୍ବାଚନରେ ତିନୋଟି ଯାକ ଆସନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ପୋଛି ନେଇଛି। ଏଥିପୂର୍ବରୁ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ବିଜେପି ସରକାର ଗଢ଼ିବାରେ ସମର୍ଥ ହୋଇପାରିନାହିଁ। ତେବେ ମୋଦିଙ୍କ ଲୋକପ୍ରିୟତା କମିବା ପଛରେ କେଉଁ କାରଣ ରହିଛି ତାହାକୁ ବିଜେପି ଏବେଠାରୁ ସମୀକ୍ଷା ନକଲେ ଭବିଷ୍ୟତରେ ଏହାର କୁପରିଣାମ ଭୋଗିବାକୁ ପଡିବ ବୋଲି ମଧ୍ୟ ଆଶଙ୍କା ଦେଖାଦେଲାଣି। ୨୦୧୯ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ୧୨୦ ଆସନ ଭାରତୀୟ ଜନତା ପାର୍ଟିକୁ ମିଳିବ ବୋଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦମ୍ଭୋକ୍ତି ଦେଖାଇଥିଲେ ବି ଏହାର କୌଣସି ପ୍ରଭାବ ଓଡ଼ିଶାର ଭୋଟରଙ୍କ ଉପରେ ପଡ଼ିଲା ନାହିଁ। ବରଂ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକ ଭରସା କଲେ ଓ ଭୋଟ ଦେଲେ। ରାଜ୍ୟ ବିଜେପିର କୌଣସି ବି ନେତା ସାଧାରଣ ଲୋକଙ୍କ ମନ କିଣିବାକୁ ସକ୍ଷମ ହୋଇପାରୁ ନଥିବା ମଧ୍ୟ ଆଲୋଚନା ପରିସରକୁ ଆସୁଛି। ଏଭଳି ଧାରା ଜାରି ରହିଲେ ଓଡ଼ିଶାରେ ବିଜେପି ଶାସନ କରିବା ନେଇ ଯେଉଁ ସ୍ୱପ୍ନ ଦେଖୁଛି ତାହା କେବେ ପୂରଣ ହେଲା ଭଳି ମନେ ହେଉନାହିଁ। ଯେଉଁଠି ନେତା ଓ ନେତୃତ୍ୱ ସାଧାରଣ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇପାରୁ ନାହାନ୍ତି ସେଠାରେ ଦଳ ଆଗେଇବ କିପରି ?

## ନିବେଶ ପାଇଁ ପସନ୍ଦଯୋଗ୍ୟ ଓଡ଼ିଶା



**ଭୁବନେଶ୍ୱର :** ନିକଟରେ ଓଡ଼ିଶା ମହାରାଷ୍ଟ୍ରକୁ ଅଳ୍ପ ବ୍ୟବଧାନରେ ପଛରେ ପକାଇ ଓଡ଼ିଶା ଦେଶରେ ନିବେଶ ପାଇଁ ସବୁଠାରୁ ପସନ୍ଦଯୋଗ୍ୟ ସ୍ଥାନ ଭାବେ ବିବେଚିତ ହୋଇଛି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି(ସିଏମ୍ଆଇ)ର ଏକ ରିପୋର୍ଟ ଅନୁଯାୟୀ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷର ଏଚ୍୧ ବା ଏପ୍ରିଲରୁ ସେପ୍ଟେମ୍ବର ମାସରେ ସାରା ଦେଶରେ ହୋଇଥିବା ନିବେଶ ମଧ୍ୟରୁ ଓଡ଼ିଶାରେ ୧୮ ପ୍ରତିଶତ ହୋଇଥିବା ବେଳେ ମହାରାଷ୍ଟ୍ରରେ ୧୬ ପ୍ରତିଶତ ହୋଇଛି। ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ବାତାବରଣ ଯୋଗୁଁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଓଡ଼ିଶାକୁ ଆସିବା ପାଇଁ ପସନ୍ଦ କରୁଛନ୍ତି। ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ତଥା ପୁଞ୍ଜିନିବେଶ ପାଇଁ ସରକାର ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ନିକଟ ଅତୀତରେ ହାତକୁ ନେଇଛନ୍ତି। ତେବେ ସମସ୍ତ ପଦକ୍ଷେପ ଏବଂ ଫଳାଫଳକୁ ତର୍ଜମା କଲେ ଓଡ଼ିଶା ଯେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା(ଆଇଟି) କ୍ଷେତ୍ରରେ ଅନେକ ଆଗକୁ ବଢ଼ିପାରିଛି, ତାହା କେତେକ ତଥ୍ୟକୁ ଅଧ୍ୟୟନ କଲେ ସ୍ପଷ୍ଟ ଜଣାପଡୁଛି। ରାଜ୍ୟ ସରକାର ୨୦୧୪ ମସିହାରେ ଆଇଟି ପଲିସି ଘୋଷଣା କରିବା ସମୟରେ ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଚେନ୍ନାଇ ଭଳି ଭୁବନେଶ୍ୱରକୁ ଆଇଟି ହବ ରୂପେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖିଥିଲେ। ବର୍ତ୍ତମାନର ପରିସ୍ଥିତିରେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଆଇଟି ହବ ଭାବେ ପ୍ରସିଦ୍ଧି ପାଇଥିବା ବେଳେ ବାର୍ଷିକ ୪୦୦୦ କୋଟି ଟଙ୍କାର ସଫ୍ଟୱେର ରପ୍ତାନୀ କରିବାରେ ସକ୍ଷମ ହୋଇପାରିଛି। ➤ ପୃ-୬

## ସହରାଞ୍ଚଳ କଠିନ ବର୍ଜ୍ୟ ପରିଚାଳନା : ଲକ୍ଷ୍ୟ ହାସଲର ପାଖାପାଖି

**ଭୁବନେଶ୍ୱର :** ରାଜ୍ୟର ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଘଟିଛି। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଦ୍ୱାରା ଭିଡିଓ କନ୍‌ଫେରେନ୍‌ସିଂ ମାଧ୍ୟମରେ ଇତିମଧ୍ୟରେ କରାଯାଇଥିବା ସମୀକ୍ଷାରୁ ଏହା ଜଣାପଡିଛି। ରାଜ୍ୟ ଲୋକସେବା ଭବନ ସମ୍ମିଳନୀ କକ୍ଷରୁ ଆୟୋଜିତ ଏହି କନ୍‌ଫେରେନ୍‌ସିଂରେ ଗୃହ ଓ ସହର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି.ମାଥିଭାଥାନନ୍ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଭିତ୍ତିଭୂମି ନିର୍ମାଣ ଓ ସେବା ଯୋଗାଣ ସମ୍ବନ୍ଧୀୟ ବିଷୟ ସମୀକ୍ଷା



ନିମନ୍ତେ ଉପସ୍ଥାପନ କରିଥିଲେ। କାର୍ଯ୍ୟର ଅଗ୍ରଗତି ବିଷୟରେ ଜିଲ୍ଲାୱାରୀ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଥିବା ସ୍ଥାନରେ ହିଁ ସେଗୁଡିକର ପୃଥକୀକରଣ ନିଶ୍ଚିତ କରାଇବା ପାଇଁ ଜିଲ୍ଲାପାଳ ଏବଂ ସହରାଞ୍ଚଳ କର୍ତ୍ତୃପକ୍ଷ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିତ୍ତିଭୂମି ନିର୍ମାଣ ଓ ସୁବିଧା ସୁଯୋଗ ସହ ଲୋକମାନଙ୍କର ଚେତନା ଓ ଅଭ୍ୟାସରେ ପରିବର୍ତ୍ତନକୁ ଅଗ୍ରାଧିକାର ଦେବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷାରୁ ଜଣାପଡିଛି ଅକ୍ଟୋବର ଶେଷ ସୁଦ୍ଧା ୩୦ଟି ବଡ ବଡ ସହର ମଧ୍ୟରୁ ୨୪ଟି ସହରାଞ୍ଚଳରେ ଶତ ପ୍ରତିଶତ ଘରକୁ ଘର ବର୍ଜ୍ୟ ସଂଗ୍ରହ କରାଯାଉଛି। ଅବଶିଷ୍ଟ ୬ଟି ସହରରେ ଏ କ୍ଷେତ୍ରରେ ୮୩ ଶତକଡା ଲକ୍ଷ୍ୟ ହାସଲ ହୋଇଛି। ଏହି ୬ଟି ସହର ହେଲା ଗଜପତି, ନୟାଗଡ, ବଲାଙ୍ଗିର, ପୁରୀ, ବାଲେଶ୍ୱର ଓ ଖୋର୍ଦ୍ଧା। ଏହିସବୁ ସହରାଞ୍ଚଳରେ ଶତ ପ୍ରତିଶତ ଘରକୁ ଘର ବର୍ଜ୍ୟ ସଂଗ୍ରହ ୧ ସପ୍ତାହ ମଧ୍ୟରେ ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବର୍ଜ୍ୟ ସୃଷ୍ଟି ଉତ୍ସରେ ସେଗୁଡିକୁ ୨ ଭାଗରେ ➤ ପୃ-୬

## ଆଇପିସି ଏବଂ ସିଆରପିସିରେ ପରିବର୍ତ୍ତନ ହେବ : ଶାହା



**ନୂଆଦିଲ୍ଲୀ :** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତ ଶୁକ୍ରବାର କହିଛନ୍ତି ଯେ, ମୋଦି ସରକାର ଆଗାମୀ ଦିନରେ ସମୟ ଅନୁସାରେ ଭାରତୀୟ ପିଙ୍ଗଳ କୋଡ (ଆଇପି) ଏବଂ ସିଆରପିସିରେ ପରିବର୍ତ୍ତନ କରିବେ। ଲକ୍ଷ୍ନୌରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ୪୭ତମ ଅଲ ଇଣ୍ଡିଆ ପୋଲିସ ସାଇନ୍ସ କଂଗ୍ରେସର କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ପୋଲିସ ପ୍ରତି ଜନତାଙ୍କ ମନୋଭାବ ଏବଂ ଜନତାଙ୍କ ପ୍ରତି ପୋଲିସର ମନୋଭାବ ଯାହା ରହିଛି ସେଥିରେ ପରିବର୍ତ୍ତନ ଆସିବା ଦରକାର। ତେବେ ଜନସାଧାରଣ ବୁଝିବା ଦରକାର ଯେ, ପୋଲିସଙ୍କ ଉପରେ ସୁରକ୍ଷାର ବଡ ଦାୟିତ୍ୱ ରହିଛି। ତେଣୁ ସେମାନଙ୍କୁ ଫିଲ୍ମରେ ଦୁର୍ନୀତିଖୋର ଦେଖାଇ ଯେଉଁ ମଜାକ ଉଡାଯାଉଛି ତାହା ଠିକ୍ ନୁହେଁ। ସାଧାରଣ ଲୋକ ଦୀପାବଳି ଉତ୍ସବ ପାଳନ କରୁଥିବା ବେଳେ ପୋଲିସ କର୍ମୀମାନେ ସେମାନଙ୍କ ସୁରକ୍ଷାରେ ଲାଗି ରହିଥାନ୍ତି। ଲୋକମାନେ ଛୁଟିଦିନରେ ଘରକୁ ଯାଉଥିଲା ବେଳେ ପୋଲିସ ହୋଲି ଓ ଅନ୍ୟାନ୍ୟ ଉତ୍ସବରେ ଯେଭଳି କୌଣସି ଦଙ୍ଗା ନହୁଏ ସେଥିପାଇଁ ସଜାଗ ରହିଥାନ୍ତି। ଏହି ବିଭାଗର ୩୫ ହଜାର ଯବାନ ନିଜର ବଳିଦାନ ଦେଇଛନ୍ତି। ଯେଉଁଥିପାଇଁ ଦେଶର ଲୋକମାନେ ନିଜକୁ ସୁରକ୍ଷିତ ମନେ କରିବା ସହିତ ଶାନ୍ତିରେ ରହିପାରୁଛନ୍ତି। ତେଣୁ ଜନତା ଓ ପୋଲିସ ଉଭୟ ପରସ୍ପର ମଧ୍ୟରେ ପରିବର୍ତ୍ତନ ଆଣିବା ଦରକାର।

### ବକ୍ରବାଣୀ



ସର୍କାରୀ ଜମି କେବେ ଖାଇଥେଲା
ଆଜି କିଆଁ ତୁମ ମନେ ପଇଲା
କେବେଠୁ ଯେକଥା ଲୁଚି ଯାଇଥେଲା
ଏବେ କହିବାକୁ କିଏ କହିଲା
ଜମି କଥା କହି ଦେଲ ଡରେଇ
ତୁରନ୍ତ କଥାକୁ କଲ ପାରେଇ
ପାନୁଆ ପାଟିରେ ଲଗାମ ଦେଲ
ବିରୋଧୀ ହେ ତୁମେ କଣ ପାଇଲ
ସତେ ପାଣ୍ଡିଆ ପ୍ରେସର ଆଇଲା
ଗାଲେ ତା'ର ଦି' ଜାବଡା ମାଇଲା।

—— ଟୁଟୁ

## ଅବଧି ପୂର୍ବରୁ ଅଧିବେଶନ ଶେଷ

**ଭୁବନେଶ୍ୱର :** ନଭେମ୍ବର ମାସ ୧୩ ତାରିଖ ଦିନ ଠାରୁ ଆରମ୍ଭ ହୋଇଥିବା ଓଡିଶା ବିଧାନସଭାର ୩୦ ଦିନିଆ ଶୀତକାଳୀନ ଅଧିବେଶନ ଅବଧି ପୂରିବାର ୧୭ ଦିନ ପୂର୍ବରୁ ସମାପ୍ତ ହୋଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିଛନ୍ତି। ଏ ସମ୍ପର୍କରେ ସନ୍ଧ୍ୟା ୭.୪୨ ମିନିଟ୍‌ରେ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ଏହି ଅଧିବେଶନ ଡିସେମ୍ବର ୧୯ ତାରିଖରେ ସମାପ୍ତ ହେବାର ଥିଲା। ଗୃହ ଆଗରେ ସମ୍ପାଦନା କରିବା ପାଇଁ କୌଣସି ସରକାରୀ କାର୍ଯ୍ୟକ୍ରମ ରହି ନ ଥିବାରୁ ଗୃହର ବୈଠକ କାର୍ଯ୍ୟକୁ ହ୍ରାସ କରାଗଲା ବୋଲି ଶ୍ରୀ ପାତ୍ର କହିଛନ୍ତି। ଏ ସମ୍ପର୍କରେ ବିଧାୟକ ପ୍ରଫୁଲ୍ଲ ସାମଲ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ବିଧାୟକ ଅମର ପ୍ରସାଦ ଶତପଥୀ ଓ ପ୍ରତାପ ଦେବ ସମର୍ଥନ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହକୁ ବନ୍ଦ କରିବା ପାଇଁ ମୁଖ୍ୟ ସଚେତକଙ୍କୁ ମୋସନ ଆଣିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ତଦନୁଯାୟୀ ପ୍ରମିଳା ମଲିକ ମୋସନ ଆଣିଥିଲେ ଓ ଏହା ମୌଖିକ ଭାବେ ସ୍ୱୀକୃତ ହୋଇଥିଲା। ଅନ୍ୟ ପକ୍ଷରେ ବିଜେପିର ସଦସ୍ୟ ମାନେ ଏହି ବନ୍ଦ ନେଇ କହିବାକୁ ଚାହିଁଥିଲେ। ମାତ୍ର ବାଚସ୍ପତି ସେମାନଙ୍କୁ ସୁଯୋଗ ଦେଇ ନ ଥିଲେ। ଏଥିରେ ଉତ୍ୟକ୍ତ ହୋଇ ସେମାନେ କକ୍ଷତ୍ୟାଗ କରିଥିଲେ। ୧୩ ଦିନ ପାଇଁ ଏହି ଅଧିବେଶନର ବୈଠକ ଚାଲିଥିଲା। ଉଭୟ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଏହି ଅଧିବେଶନ ଖୁବ ଗୁରୁତ୍ୱପୂର୍ଣ୍ଣ ଥିଲା। ୧୩ଟି କାର୍ଯ୍ୟ ଦିବସ ମଧ୍ୟରେ ସରକାରୀ ଦିବସ ୧୨ ଦିନ ଥିବା ବେଳେ ଦିନେ ବେସରକାରୀ କାର୍ଯ୍ୟ ଦିବସ ଥିଲା। ଅଧିବେଶନର



ଆରମ୍ଭ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନି ଜଣ ଦିବଙ୍ଗତ ସଦସ୍ୟ ଓ ଜଣେ ଶହୀଦ ସୈନିକଙ୍କ ପାଇଁ ଶୋକ ପ୍ରସ୍ତାବ ଆଣିଥିଲେ ଓ ତାହା ଗୃହିତ ହୋଇଥିଲା। ଏଥିରେ ବିରୋଧୀ ଦଳର ନେତା ପ୍ରଦୀପ ନାୟକ, କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଓ ସିପିଏମ ବିଧାୟକ ଶୋକ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ସମର୍ଥନ କରିଥିଲେ। ଏହା ପରେ ସେମାନଙ୍କର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରା ଯାଇଥିଲା।

ଏହି ଅଧିବେଶନରେ ୧୩୨୬ଟି ତାରକା ଚିହ୍ନିତ ପ୍ରଶ୍ନ ନୋଟିସ ଗ୍ରହଣ କରା ଯାଇଥିବା ବେଳେ ୪୩ଟି ମୌଖିକ ଉତ୍ତର ହୋଇଥିଲା। ଏହିପରି ୧୬୩୬ଟି ଅଣତାରକା ଚିହ୍ନିତ ପ୍ରଶ୍ନର ନୋଟିସ ଗ୍ରହଣକରା ଯାଇଥିବା ବେଳେ ୨୨୬୧ଟି ଅଣତାରକା ଚିହ୍ନିତ ପ୍ରଶ୍ନର ଲିଖିତ ଉତ୍ତର ଉପସ୍ଥାପନା କରା ଯାଇଥିଲା। ଏହା ବ୍ୟତୀତ ୧୩ଟି ମୁଲତବୀ ପ୍ରସ୍ତାବ ନୋଟିସ ଗ୍ରହଣ କରା ଯାଇଥିଲେ ହେଁ ପାଞ୍ଚଟି ବିଷୟରେ ଆଲୋଚନା ହୋଇ ପାରିଥିଲା। ସେଗୁଡିକ ହେଲା ଧାନକିଣାରେ ସରକାରଙ୍କ ବିଫଳତା, ଯାଜପୁର ପିଇଓ ସ୍ମିତାରାଣୀ ବିଶ୍ୱାଳ ମୃତ୍ୟୁ ମାମଲା, ପ୍ରଧାନମନ୍ତ୍ରୀ ଆବାସ ➤ ପୃ-୬

### ହୋଲ୍‌ଡିଂ ଟିକସ ଆଦାୟରେ ବିଫଳ ସମ୍ବଲପୁର ମହାନଗର ନିଗମ

## ୩ ବର୍ଷରେ ୫ କୋଟି କ୍ଷତି

**ସମ୍ବଲପୁର, (ଦାମୋଦର ପଣ୍ଡା) :** ଚରମ ଅବ୍ୟବସ୍ଥାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଥିବା ସମ୍ବଲପୁର ମହାନଗର ନିଗମର ଅପାରଗପଣ ଯୋଗୁଁ ହୋଲ୍‌ଡିଂ ଟିକସ ସଂଗ୍ରହରେ ଗତ ତିନିବର୍ଷରେ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ହରେଇଥିବାର ଜଣାପଡିଛି। କେବଳ ସେତିକି ନୁହେଁ, ଦୋକାନୀମାନଙ୍କ ଠାରୁ ଟ୍ରେଡ୍ ଲାଇସେନ୍ସ ବାବଦକୁ ପଞ୍ଜିକରଣ ଟଙ୍କା ଆଦାୟ, ବିଭିନ୍ନ ସ୍ଥାନରେ ବିଜ୍ଞାପନରୁ ଆଦୟ ହେଉଥିବା ଟଙ୍କା, ପାର୍କିଂ ଫି, ୟୁଜର ଫି ମଧ୍ୟ ସଂଗ୍ରହ କରିବାରେ ବିଫଳ ହେଉଥିବାରୁ ନିଗମ କୋଟି କୋଟି ଟଙ୍କାର କ୍ଷତି ସହୁଛି। ସୂଚନାଯୋଗ୍ୟ ଯେ, ବ୍ୟକ୍ତିଗତ ଘର, ବ୍ୟବସାୟିକ ପ୍ରତିଷ୍ଠାନ, ଘରୋଇ ଶିକ୍ଷାନୁଷ୍ଠାନ ଆଦିରୁ ସଂଗ୍ରହ କରାଯାଉଥିବା ହୋଲ୍‌ଡିଂ ଟିକସ ବର୍ଗଫୁଟ ଆକାରରେ ଆଦାୟ ହୋଇଥାଏ। ସେଇ ଅର୍ଥରୁ ନିଗମ ଅନ୍ତର୍ଗତ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରାଯିବାର ନିୟମ ରହିଛି। ସଂଗୃହୀତ ତଥ୍ୟ ମୁତାବକ, ୨୦୧୭-୧୮ ମସିହାରେ ନିଗମକୁ ୬ କୋଟି ଟଙ୍କାର ହୋଲ୍‌ଡିଂ ଟିକସ ଆଦାୟ ଲକ୍ଷ୍ୟ ପ୍ରଦାନ କରାଯାଇଥିଲା, ମାତ୍ର ଆଦାୟ ହୋଇଥିଲା ୩ କୋଟି ୯୨ଲକ୍ଷ ଟଙ୍କା। ସେହିଭଳି ୨୦୧୮-୧୯ ଆର୍ଥିକ ବର୍ଷରେ ୬ କୋଟି ଆଦାୟ ଲକ୍ଷ୍ୟ ଥିବା ବେଳେ ମାତ୍ର ୩ କୋଟି ୩୧ଲକ୍ଷ ଟଙ୍କା ଆଦାୟ ହୋଇଛି। ସଦ୍ୟ ତଥା ଅନୁଯାୟୀ ଚଳିତବର୍ଷ ୨୦୧୯-୨୦ବର୍ଷ ପାଇଁ ୭ କୋଟି ୫୦ ଲକ୍ଷ ଆଦାୟ ଲକ୍ଷ୍ୟ ଥିବା ବେଳେ ଏବେ ମାତ୍ର ୧ କୋଟି ୪ଲକ୍ଷ ଟଙ୍କା ସଂଗୃହୀତ ହୋଇଛି। ୨୦୧୭-୧୮ ବର୍ଷରେ ୧ ହଜାର ସ୍ଥାନରୁ ମାତ୍ର ୭୨୬ଟିରୁ, ୨୦୧୮-୧୯ରେ ନିର୍ଦ୍ଧାରିତ ଲକ୍ଷ୍ୟ ୧୨୦୦ ସ୍ଥାନ ବଦଳରେ ମାତ୍ର ୨୮୨ରୁ ଟିକସ ଆଦାୟ କରାଯାଇଥିଲା। ଚଳିତବର୍ଷ ୨୦୦୦ ସ୍ଥାନରୁ ଟିକସ ଆଦାୟ ଲକ୍ଷ୍ୟ ରଖାଯାଇଛି। ୨୦୧୮-୧୯ ବର୍ଷରେ ଟ୍ରେଡ ଲାଇସେନ୍ସ ବାବଦରେ ୮୦ଲକ୍ଷ ସ୍ଥାନରେ ୬୦ଲକ୍ଷ ଟଙ୍କା ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ୯୦ ଲକ୍ଷ ଟଙ୍କା ଧାର୍ଯ୍ୟ ଥିବା ବେଳେ ମାତ୍ର ୩ଲକ୍ଷ ୬୧ ହଜାର ଟଙ୍କା ଆଦାୟ ହୋଇଛି। ଏ ସମ୍ପର୍କରେ ନିଗମ କର୍ତ୍ତୃପକ୍ଷ ନିଜ ପ୍ରତିକ୍ରିୟାରେ କର୍ମଚାରୀ ଅଭାବର ଆଳ ଦର୍ଶାଉଛନ୍ତି ଓ ଲୋକଙ୍କ ସହଯୋଗ ମିଳୁନାହିଁ ବୋଲି ସଫେଇ ଦେଉଛନ୍ତି। ତେବେ ଖିଲାପ ବ୍ୟକ୍ତି, ସଂସ୍ଥା ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କାହିଁକି କରାଯାଉନାହିଁ, ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## କେମିତି କଟିବ ଏ ସପ୍ତାହ

**ମେଷ** - ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ବିବାଦର ସମାଧାନ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ** - ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବିଦ୍ୟାର୍ଥୀମାନେ ପାଠପଢ଼ାରେ କୃତକାର୍ଯ୍ୟ ହେବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରହିବେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଲାଭବାନ ହେବେ।

**ମିଥୁନ** - ଗୃହରେ ଶାନ୍ତିର ବାତାବରଣ ବଜାୟ ରହିବ। ବୈବାହିକ ଜୀବନ ସୁଖମୟ ହେବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ କୃତିତ୍ୱ ହାସଲ କରିବେ। ବଡ କମ୍ପାନୀରେ ଚାକିରି ମିଳିପାରେ।

**କର୍କଟ** - କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହ ମନମାଳିନ୍ୟ ହେବ। ବିବାହ ଆଶାୟୀମାନେ ଅଶୁଭଫଳ ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରୁହନ୍ତୁ।

**ସିଂହ** - ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଲାଗିରହିବ। ଧନପ୍ରାପ୍ତିର ସୁଯୋଗ ରହିଛି। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବ୍ୟବସାୟରେ କ୍ଷତି ହେବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ।

**କନ୍ୟା** - ବୈବାହିକ ଜୀବନ ଶାନ୍ତିରେ କଟିବ। ମାତାପିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ସମାଜ ସେବାରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ କମ୍ ଲାଭବାନ୍ ହେବେ।

**ତୁଳା** - କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ।


**ବିଛା** - ଜମିଜମା ବିବାଦ ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତି ବଜାୟ ରହିବ। ନୂତନ ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ବ୍ୟବସାୟରେ ଅଧିକ ଲାଭବାନ ହେବା ସହିତ ଉନ୍ନତି କରିବେ।

**ଧନୁ** - ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଚାକିରୀ କ୍ଷେତ୍ରରେ ଲାଗିରହିଥିବା ବିବାଦର ସମାଧାନ ହେବ। ରାଜନୈତିକ ବ୍ୟକ୍ତିମାନେ ମିଶ୍ରଫଳ ପ୍ରାପ୍ତ କରିବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**ମକର** - ପାରିବାରିକ କଳହରୁ ମୁକ୍ତି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ନୂତନ ଯାନ କ୍ରୟ କରିପାରନ୍ତି। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ।

**କୁମ୍ଭ** - ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ପଡି ରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ଛାତ୍ରଛାତ୍ରୀମାନେ ଶୁଭଫଳ ପ୍ରାପ୍ତ ହେବେ। ବିଦେଶ ଭ୍ରମଣ କରିପାରନ୍ତି।

**ମୀନ** - ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

**ଓଡ଼ିଶାରେ ଆଲୁମିନିୟମ କ୍ଲଷ୍ଟର ପାଇଁ କେନ୍ଦ୍ରୀୟ ସହାୟତା ପ୍ରସଙ୍ଗ**

# 'ଆଶାନୁରୂପ ଅଗ୍ରଗତି ନହେବାରୁ ପ୍ରକଳ୍ପକୁ ବନ୍ଦ କରି ଦିଆଯାଇଛି'

**ନୂଆଦିଲ୍ଲୀ :** ଆଶାନୁରୂପ ଅଗ୍ରଗତି ହୋଇନପାରିବାରୁ ଅନୁଗୁଳ ଆଲୁମିନିୟମ ପାର୍କଠାରେ ପ୍ରସ୍ତାବିତ ଭିତିଭୂମି ବିକାଶ ପ୍ରକଳ୍ପକୁ ବନ୍ଦ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତି ନେଇଥିବା ରାଜ୍ୟ ସଭାରେ ସୂଚନା ଦେଇଛନ୍ତି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ। ସାଂସଦ ଡ. ଅମର ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତରରେ ଶ୍ରୀ ଗୋୟଲ କହିଥିଲେ ଯେ ଗତ ୧୮.୮.୨୦୧୫ରେ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ମଞ୍ଜୁର କରିଥିଲେ। ସଂଶୋଧିତ ଶିଳ୍ପ ଭିତ୍ତିଭୂମି ଉନ୍ନୟନ ଯୋଜନା (ଏମଆଇଆଇୟୁଏ) ଅନ୍ତର୍ଗତ ଏହି ପ୍ରକଳ୍ପ ଲାଗି ମୋଟ ୯୯.୬୦ କୋଟି ଟଙ୍କା ବ୍ୟୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏଥିପାଇଁ ୩୩.୪୪ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯାଇଥିଲା। ମଞ୍ଜୁରି ମିଳିବା ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ସମୟ ଧାର୍ଯ୍ୟ କରାଯାଇଥିଲା। ଏକାଧିକ ବୈଠକରେ ଏହି ପ୍ରକଳ୍ପର ସମୀକ୍ଷା କରାଯାଇଥିଲା ଏବଂ ଜଣାପଡ଼ିଥିଲା ଯେ ପ୍ରକଳ୍ପର ଅଗ୍ରଗତି ଖୁବ ଧୀର ଗତିରେ ଚାଲିଛି। ଆହୁରି ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥା ଅନୁଗୁଳ ଆଲୁମିନିୟମ ପାର୍କ ପ୍ରାଇଭେଟ ଲିମିଟେଡ (ଏଏପିପିଏଲ) ପକ୍ଷରୁ ସୂଚନା ଦିଆଯାଇଥିଲା ଯେ ସ୍ଥାନୀୟ ଲୋକଙ୍କ ବିରୋଧ କାରଣରୁ ପ୍ରକଳ୍ପ ଆଗେଇ ପାରୁନାହିଁ। ସେହିପରି ପ୍ରକଳ୍ପ ପରିଚାଳନା ସଂସ୍ଥା (ପିଏଏମଏ)



ପକ୍ଷରୁ ଘଟଣାସ୍ଥଳ ଅନୁଧ୍ୟାନ କରାଯିବା ପରେ ରିପୋର୍ଟ ଦିଆଗଲା ଯେ ଏହି ପ୍ରକଳ୍ପର ସର୍ବମୋଟ ଅଗ୍ରଗତି ମାତ୍ର ୭% ହୋଇପାରିଛି। ତେଣୁ ବିଶେଷ ଅଗ୍ରଗତି ହୋଇପାରିନଥିବା କାରଣରୁ ଗତ ୧.୧୧.୨୦୧୮ରେ ଅନୁଷ୍ଠିତ ସର୍ବୋଚ୍ଚ କମିଟି ବୈଠକରେ ଏହି ପ୍ରକଳ୍ପକୁ ବନ୍ଦ କରିବା ଲାଗି ନିଷ୍ପତି ନିଆଗଲା ଏବଂ କାର୍ଯ୍ୟକାରୀ ଏଜେନ୍ସିକୁ ଏ ବାବଦରେ ମିଳିଥିବା କେନ୍ଦ୍ରୀୟ ସହାୟତା ଫେରାଇ ଦେବା ପାଇଁ କୁହାଗଲା। ତେବେ ସଂଶୋଧିତ ଶିଳ୍ପ ଭିତିଭୂମି ଉନ୍ନୟନ ଯୋଜନା (ଏମଆଇଆଇୟୁଏ) ଅନ୍ତର୍ଗତ ଅନୁଗୁଳ ଠାରେ ଓଡ଼ିଶା ଆଲୁମିନିୟମ କ୍ଲଷ୍ଟରକୁ ମିଳିଥିବା କେନ୍ଦ୍ରୀୟ ସହାୟତା ପୁନଃ ଯୋଗାଇ ଦେବା ନିମନ୍ତେ ଓଡ଼ିଶା ସରକାରଙ୍କ ଠାରୁ ଏକ ପ୍ରସ୍ତାବ ମିଳିଛି। ଏହି ପ୍ରସ୍ତାବକୁ ସର୍ବୋଚ୍ଚ କମିଟି ନିକଟରେ ଉପସ୍ଥାପନ କରାଯିବ।

## ପଞ୍ଚଦଶ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ବୃଦ୍ଧି

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ପଞ୍ଚଦଶ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ଏହି ମଞ୍ଜୁରି ଫଳରେ ପଞ୍ଚଦଶ ଅର୍ଥ ଆୟୋଗ ପ୍ରଥମ ଆର୍ଥିକ ବର୍ଷ ୨୦୨୦-୨୧ ଲାଗି ପ୍ରଥମ ରିପୋର୍ଟ ଦାଖଲ କରିବା ଏବଂ ୨୦୨୧-୨୨ ଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅବଧିର ଚୁଡ଼ାନ୍ତ ରିପୋର୍ଟ ୩୦ ଅକ୍ଟୋବର ୨୦୨୦ ସୁଦ୍ଧା ଉପସ୍ଥାପନ କରିବାରେ ସକ୍ଷମ ହେବେ। କାର୍ଯ୍ୟକାଳ ସମ୍ପ୍ରସାରଣ ଫଳରେ ଅର୍ଥ ଆୟୋଗ ୨୦୨୦ରୁ ୨୦୨୬ ଅବଧି ପାଇଁ ନିଜ ସୁପାରିସକୁ ଅନ୍ତିମ ରୂପ ଦେଇପାରିବେ। ଏଥିସହିତ ସଂସ୍କାର ଓ ନୂତନ ବାସ୍ତବିକତାକୁ ଧ୍ୟାନରେ ରଖି ଆର୍ଥିକ ପୂର୍ବାନୁମାନ ପାଇଁ ବିଭିନ୍ନ ତୁଳନୀୟ ଆକଳନର ନିରୀକ୍ଷଣ କରିବାରେ ସକ୍ଷମ ହୋଇପାରିବେ। ଆଦର୍ଶ ଆଚରଣ ସଂହିତା କାରଣରୁ ଲାଗୁ ହୋଇଥିବା ପ୍ରତିବନ୍ଧକ ହଟିବା ପରେ ଏଇ ନିକଟରେ ଅର୍ଥ ଆୟୋଗ ବିଭିନ୍ନ ରାଜ୍ୟ ଗସ୍ତ ସମ୍ପୂର୍ଣ୍ଣ କରିଛନ୍ତି। ଯଦ୍ଦ୍ୱାରା ରାଜ୍ୟଗୁଡ଼ିକର ଆବଶ୍ୟକତାର ବ୍ୟାପକ ଆକଳନ ପ୍ରଭାବିତ ହୋଇଛି। ଆୟୋଗଙ୍କ ବିଚାରଯୋଗ୍ୟ ବିଷୟ ବ୍ୟାପକ ହୋଇଥିବାରୁ ଏହାର ଉଦ୍ଦେଶ୍ୟକୁ ଯାଞ୍ଚ କରିବା ଏବଂ ରାଜ୍ୟର ଆବଶ୍ୟକତା ଅନୁଯାୟୀ ଏହାକୁ ପ୍ରସ୍ତୁତ କରିବା ଲାଗି କେନ୍ଦ୍ର ସରକାରଙ୍କୁ ଅତିରିକ୍ତ ସମୟ ଆବଶ୍ୟକ। ଯେଉଁ ଅବଧି ମଧ୍ୟରେ ଆୟୋଗଙ୍କ ସୁପାରିସ ଲାଗୁ ହୋଇଛି ସେଥିରେ ପ୍ରସ୍ତାବିତ ସମ୍ପ୍ରସାରଣ ଫଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଇଁ ମଧ୍ୟଅବଧି ସମ୍ବଳ ଯୋଜନା ପ୍ରସ୍ତୁତ କରିବାରେ ସୁବିଧା ହେବ। ୧ ଏପ୍ରିଲ, ୨୦୨୧ ପରେ ଆୟୋଗଙ୍କ ପାଇଁ ୫ ବର୍ଷର କଭରେଜ ଉପଲବ୍ଧ ହେବା ଫଳରେ ରାଜ୍ୟ ଓ କେନ୍ଦ୍ର ସରକାର ଉଭୟଙ୍କୁ ମଧ୍ୟମ ଠାରୁ ଆରମ୍ଭ କରି ଦୀର୍ଘ ଅବଧି ପାଇଁ ଆର୍ଥିକ ଦୃଷ୍ଟିକୋଣ ସହିତ ନିଜ ଯୋଜନା ପ୍ରସ୍ତୁତ କରିବାରେ ସହାୟତା ମିଳିପାରିବ। ଏଥିସହିତ ମଧ୍ୟବର୍ତୀ ଆକଳନ ଓ ସୁଧାର ଲାଗି ଯଥେଷ୍ଟ ସମୟ ଉପଲବ୍ଧ ହେବ। ଏହା ଅନୁମାନ କରାଯାଉଛି ଯେ ଚଳିତ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇଥିବା ଆର୍ଥିକ ସଂସ୍କାରର ପ୍ରଭାବ ୨୦୨୦-୨୧ର ପ୍ରଥମ ତ୍ରୈମାସର ଶେଷରେ ମିଳିବାକୁ ଥିବା ତଥ୍ୟରେ ପ୍ରତିଫଳିତ ହେବ।

## ଏ ବର୍ଷ ଶୀତ କମ୍

**ନୂଆଦିଲ୍ଲୀ :** ଏବର୍ଷ ଡିସେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ପୂର୍ବ ବର୍ଷମାନଙ୍କ ତୁଳନାରେ କମ୍ ଶୀତ ରହିବ। ଉତ୍ତର ଭାରତର କିଛି ଅଂଶକୁ ଛାଡ଼ିଦେଲେ ସାରା ଦେଶରେ ସ୍ୱାଭାବିକଠାରୁ କମ୍ ଶୀତ ଅନୁଭୁତ ହେବ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଡିସେମ୍ବର ମାସ ଆରମ୍ଭ ହେବାକୁ ବସିଥିଲେ ମଧ୍ୟ ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ଶୀତର ଦେଖା ନାହିଁ। କାଁ ଭାଁ ସ୍ଥାନରେ ରାତିର ତାପମାତ୍ରାରେ ସାମନ୍ୟ ହ୍ରାସ ଘଟୁଥିଲେ ସୁଦ୍ଧା ଦିନ ବେଳା ରାଜ୍ୟର ପ୍ରାୟ ସବୁ ସହରର ତାପମାତ୍ରା ୩୦ ଡିଗ୍ରୀ ଉପରେ ରହୁଛି। ଓଡ଼ିଶାର ଦାରିଙ୍ଗବାଡ଼ି, ଅନୁଗୁଳ, କୋରାପୁଟ, ଟିଟିଲାଗଡ଼, ସୋନପୁର, ଫୁଲବାଣି ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ରାତିର ତାପମାତ୍ରା ୧୫-୧୦ ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ଏହି ଜିଲ୍ଲାଗୁଡ଼ିକୁ ଛାଡ଼ିଦେଲେ ଅନ୍ୟ ଅଞ୍ଚଳରେ ଶୀତର ସେମିତି ପ୍ରକୋପ ପଡୁନାହିଁ। ଗୋଟିଏ ପଟେ ଶୀତ ବଢ଼ିନଥିବା ବେଳେ ତିନି ଦିନ ହେବ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି ଲାଗି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକଙ୍କ କହିବା ଅନୁଯାୟୀ ସର୍ବଭାରତୀୟ ସ୍ତରରେ ଚଳିତ ବର୍ଷ ଥଣ୍ଡାର ପ୍ରକୋପ କମ୍ ରହିବା ସାଙ୍ଗକୁ ଶୀତ ଦିନ ସଂଖ୍ୟା ମଧ୍ୟ କମ୍ ରହିବ। ସେହିପରି କେନ୍ଦ୍ରୀୟ ଭାରତ ଓ ହିମାଳୟ ପାଦଦେଶ ଓ ଗାଙ୍ଗେୟ ଉପତ୍ୟକାରେ ଶୀତ ସ୍ୱାଭାବିକଠାରୁ ଅଧିକ ରହିବ। ବାକି ଅଞ୍ଚଳରେ ଏହା ସ୍ୱାଭାବିକ ରହିବ। ଯଦିଓ ଶୀତ ଦିନ ସଂଖ୍ୟା କମ୍ ରହିବ, ହେଲେ ଶୀତର ପ୍ରକୋପ ଠିକ୍ ରହିବ। ତେବେ ପଶ୍ଚିମ କେନ୍ଦ୍ରୀୟ ଭାରତରେ ଡିସେମ୍ବରରୁ ଜାନୁଆରୀ ମଧ୍ୟରେ ସ୍ୱାଭାବିକଠାରୁ ଥଣ୍ଡା ଅଧିକ ରହିବାର ସମ୍ଭାବନା ରହିଛି। ସେହିପରି ଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଜାନୁଆରୀ ଓ ଫେବୃଆରୀରେ ଥଣ୍ଡା ସ୍ୱାଭାବିକ ଠାରୁ ଅଧିକ ରହିବାକୁ ଥିବା ବେଳେ ବାକି ଅଞ୍ଚଳରେ ଶୀତ ଦିନ କମିବ। କିନ୍ତୁ ଶୀତର ପ୍ରକୋପ ସ୍ୱାଭାବିକ ରହିବ। ଅନ୍ୟପକ୍ଷରେ ଆସନ୍ତା ୪ ତାରିଖଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତ ବଢ଼ିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଉତ୍ତର ଭାରତରେ ସୃଷ୍ଟି ହୋଇଥିବା ଗୁରୁଚାପ ବଳୟ ଦ୍ୱାରା ବର୍ତ୍ତମାନ ରାଜ୍ୟକୁ ଉତ୍ତରା ପବନ ବୋହୁନାହିଁ। ତେବେ କ୍ରମଶଃ ଗୁରୁଚାପ ପଶ୍ଚିମ ମହାରାଷ୍ଟ୍ର ଆଡ଼କୁ ଗତି କରିବା ପରେ ରାଜ୍ୟକୁ ସିଧା ଉତ୍ତରା ପବନ ବୋହିବ। ଯାହାଦ୍ୱାରା ଓଡ଼ିଶାର ଅଧିକାଂଶ ସ୍ଥାନରେ ହାରାହାରି ତାପମାତ୍ରା ୨ ଡିଗ୍ରୀ ହ୍ରାସ ପାଇବ। ରାଜ୍ୟକୁ ବର୍ତ୍ତମାନ ପୂର୍ବା ପବନ ବୋହୁଛି। ବଙ୍ଗୋପ ସାଗରରେ ସମୁଦ୍ର ପତନ, ମଧ୍ୟମ ବାୟୁମଣ୍ଡଳ ସହ ଉପର ବାୟୁମଣ୍ଡଳରେ ତାପମାତ୍ରା ଅଧିକ ରହୁଥିବା ବେଳେ ଏହି ପବନ ରାଜ୍ୟକୁ ବୋହୁଛି।

## 'ଉଚ୍ଚ ଅଭିବୃଦ୍ଧି ପାଇଁ ୩ ଟ୍ରିଲିୟନ ନିବେଶ ଜରୁରୀ'

**ନୂଆଦିଲ୍ଲୀ :** ସାଂପ୍ରତିକ ମାନ୍ଦାବସ୍ଥା କବଳରୁ ମୁକୁଳିବା ସହ ଆଗାମୀ ଦିନରେ ଉଚ୍ଚ ଅଭିବୃଦ୍ଧି ହାସଲ ପାଇଁ କେବଳ ଭିତ୍ତିଭୂମି କ୍ଷେତ୍ରରେ ୩ ଲକ୍ଷ କୋଟି ଟଙ୍କାର ନିବେଶ ହେବା ଜରୁରୀ। ଏଥିପାଇଁ ସମସ୍ତ ରାଜ୍ୟ ସରକାରମାନଙ୍କ ସହଯୋଗର ଆବଶ୍ୟକତା ରହିଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିପକ୍ଷମାନଙ୍କୁ ନେଇ ମଧ୍ୟ କାର୍ଯ କରିବା ଉଚିତ୍। କାରଣ ଭିତ୍ତିଭୂମି କ୍ଷେତ୍ରରେ ବିନିଯୋଗ ହେଉଥିବା ଅର୍ଥର ଅଧାଅଧି ଭାଗ ରାଜ୍ୟମାନଙ୍କରୁ ଆସିଥାଏ ବୋଲି ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ କ୍ରିସିଲ୍ ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି ଯେ, ଭାରତର ଜିଡିପିକୁ ୭.୫ ପ୍ରତିଶତରୁ ଅଧିକ ହାରରେ ପହଞ୍ଚାଇବାକୁ ହେଲେ ଆଗାମୀ ୧୦ ବର୍ଷ ମଧ୍ୟରେ ଭିତ୍ତିଭୂମି କ୍ଷେତ୍ରରେ ଅନ୍ୟୂନ ୨୩୫ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ହେବ। ତେଣୁ ବର୍ତ୍ତମାନ ଭାରତର ବିଭିନ୍ନ ରାଜ୍ୟମାନଙ୍କ ପକ୍ଷରୁ କେନ୍ଦ୍ରକୁ ଯେତିକି ପରିମାଣର ଅବଦାନ ରହିଛି ତାହାକୁ ଆଗାମୀ ଦିନରେ ତିନି ଗୁଣ କରିବାକୁ ପଡ଼ିବ ବୋଲି କ୍ରିସିଲ୍ ପକ୍ଷରୁ କୁହାଯାଇଛି। ବିଗତ କିଛି ବର୍ଷ ଧରି ଭିତ୍ତିଭୂମି କ୍ଷେତ୍ରରେ ଘରୋଇସ୍ତରର ନିବେଶ କିଛିଟା ବୃଦ୍ଧି ପାଇ ଆସୁଥିଲେ ହେଁ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ଦ୍ୱାରା ଅଧିକ ହାରରେ ନିବେଶର ଆବଶ୍ୟକତା ରହିଛି। ସାଂପ୍ରତିକ ସରକାରୀ ନିବେଶ ହାର ୪୧ ପ୍ରତିଶତ ରହିଥିଲା ବେଳେ ଆଗାମୀ ଦିନରେ ଏହାକୁ ବୃଦ୍ଧି କରାଯିବା ଉଚିତ୍ ବୋଲି ଏସ୍ ଆଣ୍ଡପି ଗ୍ଲୁପର ସଭାପତି ସମୀର ଭାଟିଆ କହିଛନ୍ତି। ଯଦି ରାଜ୍ୟମାନଙ୍କ ପକ୍ଷରୁ ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ୫୦ ପ୍ରତିଶତ ହାରରେ ନିବେଶ କରାନଯାଏ ତେବେ ଉଚ୍ଚ ହାରରେ ସାମଗ୍ରିକ ଅଭିବୃଦ୍ଧି ହାସଲ କରିବା କଷ୍ଟକର ବୋଲି ସେ କହିଛନ୍ତି। ଚଳିତ ବର୍ଷ ପାୱାର ଟ୍ରାନ୍ସମିଶନ ଏବଂ ସଡ଼କପଥରେ ସର୍ବାଧିକ ନିବେଶ କରାଯାଇଥିଲା ବେଳେ ମହାରାଷ୍ଟ୍ର ଏବଂ ଗୁଜରାଟ ଭଳି ଆଗୁଆ ରାଜ୍ୟମାନଙ୍କ ଦ୍ୱାରା ଘରୋଇ ନିବେଶ ବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯିବା ଦରକାର। ସେହଭଳି ରାଜସ୍ଥାନ ଏବଂ ଉତ୍ତରପ୍ରଦେଶରେ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ସର୍ବାଧିକ ନିବେଶ କରାଯାଉଥିବା ବେଳେ ଏଠାରେ ମଧ୍ୟ ଘରୋଇ ନିବେଶକୁ ଉତ୍ସାହିତ କରାଯିବା ଆବଶ୍ୟକ ବୋଲି କୁହାଯାଇଛି।

## କେବଳ ପ୍ରଧାନମନ୍ତ୍ରୀଙ୍କୁ ମିଳିବ ଏସ୍‌ପିଜି ସୁରକ୍ଷା : ଶାହା

**ନୂଆଦିଲ୍ଲୀ :** ବିବାଦୀୟ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ବିଲ୍ ସମ୍ପର୍କିତ ତର୍କରୁ ସଂସଦ ଆରମ୍ଭ ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, ୧୯୮୮ ମସିହାରେ ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରଧାନମନ୍ତ୍ରୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା। ଲୋକସଭାରେ ଶାହା କହିଛନ୍ତି, ସ୍ୱତନ୍ତ୍ର ଏହି ଉଦ୍ଦେଶ୍ୟରେ କୁହାଯାଇଥିଲା, କାରଣ ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ପାଇଁ ଥିଲା। ସମୟକ୍ରମେ ଏସ୍‌ପିଜି ପ୍ରୋଟୋକଲ ବଦଳିଛି। ଏହି ବିଲ୍ ମାଧ୍ୟମରେ ଆମେ ଏହାର ପ୍ରକୃତ ରୂପ ଆଣିବାକୁ ଯାଉଛୁ। ସୋମବାର ଏସ୍‌ପିଜି (ସଂଶୋଧନ) ବିଲ୍ ଆଗତ ହୋଇଥିଲା। ଏଥିରେ କୁହାଯାଉଥିଲା ପ୍ରମୁଖ ସୁରକ୍ଷା ଏସ୍‌ପିଜି କେବଳ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପରିବାରବର୍ଗଙ୍କୁ ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀଙ୍କ ପରିବାର ଲୋକେ ଯଦି ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ରହୁଥିବେ ସେମାନେ ଏହି ସୁବିଧା ପାଇପାରିବେ। ପ୍ରଧାନମନ୍ତ୍ରୀଙ୍କ ସଦସ୍ୟ ତାଙ୍କ ବାସଭବନ ବାହାରେ ରହୁଥିଲେ ସେମାନଙ୍କୁ ଏସ୍‌ପିଜି ସୁରକ୍ଷା



ମିଳିପାରିବନାହିଁ। ଯେଉଁମାନେ ପ୍ରଧାନମନ୍ତ୍ରୀଙ୍କ ସହ ରହୁଥିବେ ସେମାନେ କେବଳ ୫ବର୍ଷ ପାଇଁ ଏହି ସୁରକ୍ଷା ପାଇପାରିବେ। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଜି କିଶନ୍ ରେଡ୍ଡି କହିଛନ୍ତି, ବର୍ତ୍ତମାନ ଏହି ଆଇନରେ ଦର୍ଶାଯାଇନି ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପରିବାର ଲୋକଙ୍କୁ କେତେଦିନ ଯାଏ ସୁରକ୍ଷଣ ଦିଆଯାଇପାରିବ। ଏହା ପ୍ରଧାନମନ୍ତ୍ରୀଙ୍କର ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଭାବ ପକାଉଥିବା ସେ କହିଛନ୍ତି। ବର୍ତ୍ତମାନର ବିଲ୍‌ରେ ଏହି କାରଣରୁ ପରିବର୍ତ୍ତନ କରାଯାଇଛି। ରାଷ୍ଟ୍ର ମୁଖ୍ୟ ହିସାବରେ ପ୍ରଧାନମନ୍ତ୍ରୀଙ୍କର ସରକାର, ପ୍ରଶାସନ ଏବଂ ଜାତୀୟ ସୁରକ୍ଷାରେ ଗୁରୁତ୍ୱ ରହିଛି। ଏହି ବିଲ୍‌ରେ କୁହାଯାଇଛି, ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବା ଦିନ ଠାରୁ ହିଁ ଏହି ଏସ୍‌ପିଜି ସୁରକ୍ଷା ଦିଆଯିବ। ଏହି ବିଲ୍ ସ୍ପଷ୍ଟ କରିଦେଇଛି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହାର ହେବ। ଏପରିକି ସେମାନଙ୍କ ପରିବାର ଲୋକଙ୍କ ଠାରୁ ମଧ୍ୟ ଏହି ସୁରକ୍ଷା ପ୍ରତ୍ୟାହାର କରାଯିବ। ସୂଚନାଥାଉ କି, ଗତ କିଛିଦିନ ତଳେ ଗାନ୍ଧି ପରିବାରକୁ ଯୋଗାଇ ଦିଆଯାଉଥିବା ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହାର କରାଯାଇଥିଲା। ଏହାକୁ ନେଇ କଂଗ୍ରେସ ତମ୍ବି ତୋଫାନ କରିଥିଲା। ୧୯୯୧ ମସିହାରେ ଏଲ୍‌ଟିଟିଇ ରାଜୀବ ଗାନ୍ଧିଙ୍କ ହତ୍ୟା କରିବା ପରେ ଗାନ୍ଧି ପରିବାର ସଦସ୍ୟଙ୍କୁ ଏହି ସୁରକ୍ଷଣ ଯୋଗାଇ ଦିଆଯାଇଥିଲା। ୨୮ ବର୍ଷ ପରେ ଏହି ସୁରକ୍ଷା ହଟିଯାଇଛି। ବର୍ତ୍ତମାନ ସିଆରପିଏଫ୍ ଏହି ସୁରକ୍ଷା ଦାୟିତ୍ୱ ନେଇଛି। ୧୯୯୧ ମସିହାରେ ଏସ୍‌ପିଜି ଆଇନରେ ସଂଶୋଧନ ଆଣି ଗାନ୍ଧି ପରିବାରକୁ ଏସ୍‌ପିଜି ସୁରକ୍ଷା ଯୋଗାଇ ଦିଆଯାଇଥିଲା।

**ଅଯୋଧ୍ୟା ରାୟ**

## ରିଭ୍ୟୁ ଆବେଦନ କରିବ ଏଆଇଏମ୍‌ପିଏଲ୍‌ବି

**ଲକ୍ଷ୍ନୌ :** ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ପକ୍ଷରୁ କୁହାଯାଇଛି ଯେ, ସେମାନେ ସୁପ୍ରିମ୍‌କୋର୍ଟଙ୍କ ଅଯୋଧ୍ୟା ରାୟ ବିରୋଧରେ ରିଭ୍ୟୁ ଆବେଦନ କରିବେ। ଆସନ୍ତା ଡିସେମ୍ବର ୯ ପୂର୍ବରୁ ସେମାନେ ରିଭ୍ୟୁ ଆବେଦନ କରିବେ ବୋଲି କହିଛନ୍ତି। ସୂଚନାଥାଉ କି, ଦଶନ୍ଧି ଦଶନ୍ଧି ଧରି ଲାଗି ରହିଥିବା ରାମ ଜନ୍ମଭୂମି ଓ ବାବ୍ରୀ ମସଜିଦ୍ ବିବାଦର ଅନ୍ତ ଘଟାଇ ଗତ ନଭେମ୍ବର ୯ ତାରିଖରେ ସୁପ୍ରିମ୍‌କୋର୍ଟ ନିର୍ଣ୍ଣାୟକ ରାୟ ଦେଇଥିଲେ। କୋର୍ଟ କହିଥିଲେ, ବିବାଦୀୟ ୨.୭୭ ଏକର ଜମିରେ ରାମ ମନ୍ଦିର ହେବ ଏବଂ ମସ୍‌ଜିଦ୍ ନିର୍ମାଣ ପାଇଁ ଏକ ପ୍ରମୁଖ ସ୍ଥାନରେ ୫ଏକର ଜମି ଦିଆଯିବ। ଏହି ରାୟକୁ ସୁନ୍ନି ୱାକଫ୍ ବୋର୍ଡ ସମ୍ପୂର୍ଣ୍ଣ ଗ୍ରହଣ କରିନଥିଲେ ହେଁ ଏହା ରିଭ୍ୟୁ ଆବେଦନ କରିବ ନାହିଁ ବୋଲି ମଙ୍ଗଳବାର କହିସାରିଛି। ସୁନ୍ନି ବୋର୍ଡ କିନ୍ତୁ ୫ଏକର ଜମି ଗ୍ରହଣ କରିବ କି ନା ଏଯାଏ ଜଣାପଡିନାହିଁ। ଏଆଇଏମ୍‌ପିଏଲ୍‌ବି ସମ୍ପାଦକ



ଜଫରୟାବ ଜିଲାନୀ କହିଛନ୍ତି, ସୁନ୍ନ ନିଷ୍ପତ୍ତିର ଆମ ଉପରେ କୌଣସି ପ୍ରଭାବ ପଡିବନାହିଁ। ସେ କହିଛନ୍ତି, ଆମ ସାମ୍ବିଧାନିକ ଅଧିକାରକୁ ଜାହିର କରି ଆମେ ବାବ୍ରୀ ମସ୍‌ଜିଦ୍ ମାମଲାରେ ଏକ ପିଟିସନ୍ ଦାୟର କରିବାକୁ ଯାଉଛୁ। ଡିସେମ୍ବର ପ୍ରଥମ ସପ୍ତାହରେ ଏହି ଆବେଦନ କରାଯିବ। ସୁନ୍ନି ଏହି ମାମଲା ଆଗକୁ ନ ବଢ଼ାଇବା ଆଇନଗତ ଭାବେ ଆମକୁ ପ୍ରଭାବିତ କରିବ ନାହିଁ। ସମସ୍ତ ମୁସଲିମ୍ ସଂଗଠନ ଏକାଠି ଅଛନ୍ତି। ଜିଲାନୀ କହିଛନ୍ତି, କାହା ପକ୍ଷରୁ ଏହା ଦାୟର କରାଯିବ ସେ ନେଇ ନିଷ୍ପତ୍ତି ହେବା ପରେ ଆବେଦନର ତାରିଖ ଜଣାପଡିଯିବ। ସେ ଅଭିଯୋଗ ଆଣିଛନ୍ତି ଯେଉଁମାନେ ଆବେଦନ କରିବା କଥା ସେମାନଙ୍କୁ ଉତ୍ତରପ୍ରଦେଶ ପୋଲିସ ହଇରାଣ କରୁଛି।

# ଶତ୍ରୁପକ୍ଷ ଉପରେ କଡ଼ା ନଜର ରଖିବ ଉପଗ୍ରହ

**ଶ୍ରୀହରିକୋଟା, (ପିଆଇବି):** ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଭାରତର ଧ୍ରୁବୀୟ ଉପଗ୍ରହ ଉତକ୍ଷେପଣ ଯାନ (ପିଏସଏଲଭି-୪୭) ନିଜର ୪୭ତମ ଅଭିଯାନରେ ସଫଳତାପୂର୍ବକ କାର୍ଟୋସାଟ-୩ ଉପଗ୍ରହ ସମେତ ଆମେରିକାର ୧୩ଟି କ୍ଷୁଦ୍ର ଉପଗ୍ରହ ଉତକ୍ଷେପଣ କରିବାରେ ସଫଳ ହୋଇଛି। ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ ପ୍ୟାଡରୁ ସକାଳ ୯ଟା ୨୮ ମିନିଟ ସମୟରେ ପିଏସଏଲଭି-ସି୪୭କୁ ଉତକ୍ଷେପଣ କରାଯାଇଥିଲା। ଭୂପୃଷ୍ଠ ଛାଡ଼ିବାର ୧୭ ମିନିଟ ୩୮ ସେକେଣ୍ଡ ପରେ କାର୍ଟୋସାଟ-୩ ସଫଳତା ପୂର୍ବକ ଉତକ୍ଷେପଣ ଯାନ ଠାରୁ ଅଲଗା ହୋଇ ୫୦୯ କିମି ବିଶିଷ୍ଟ ସୂର୍ଯ୍ୟ ସମକାଳୀନ ପୃଥବୀ କକ୍ଷପଥରେ ଅବସ୍ଥାପିତ ହୋଇଥିଲା। ଏହାପରେ ୧୩ଟି କ୍ଷୁଦ୍ର ଉପଗ୍ରହ ଅଲଗା ହୋଇ ସେମାନଙ୍କ ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ ହୋଇଥିଲେ। ଅଲଗା ହେବା ପରେ କାର୍ଟୋସାଟ-୩ର ସୌର ସରଣୀ ସ୍ୱୟଂକ୍ରିୟ ଭାବେ ନିୟୋଜିତ ହୋଇଥିଲା ଏବଂ ବେଙ୍ଗାଲୁରୁ ଠାରେ ଥିବା ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱାର୍କ ଏହି ଉପଗ୍ରହ ଉପରେ ନିୟନ୍ତ୍ରଣ ହାସଲ କରିଥିଲା। ଆଗାମୀ ଦିନରେ ଏହି ଉପଗ୍ରହକୁ ଏହାର ଅନ୍ତିମ ପରିଚାଳନା ବିନ୍ୟାସ ମଧ୍ୟକୁ ଅଣାଯିବ। ଇସ୍ରୋ ଅଧ୍ୟକ୍ଷ ଡ. କେ ସିବନ ଏହି ଅବସରରେ କହିଛନ୍ତି ଯେ, କାର୍ଟୋସାଟ-୩ ହେଉଛି ଇସ୍ରୋ ପକ୍ଷରୁ ବିକଶିତ ସବୁଠୁ ଜଟିଳ ଏବଂ ଅତ୍ୟାଧୁନିକ ଭୂ-ଅବଲୋକନ ଉପଗ୍ରହ। ସେ ଆହୁରି କହିଥିଲେ



ଯେ ଏହା ହେଉଛି ତୃତୀୟ ପିଢ଼ିର ଅତ୍ୟାଧୁନିକ ଉପଗ୍ରହ ଯାହାର ଉଚ୍ଚ ଗୁଣବତାପୂର୍ଣ୍ଣ ଚିତ୍ରୋତଳନ କ୍ଷମତା ରହିଛି। କାର୍ଟୋସାଟ-୩ ଉପଗ୍ରହର ଅଭିଯାନ ଅବଧି ୫ବର୍ଷ। ବ୍ୟାପକ ସହରୀ ଯୋଜନା, ଗ୍ରାମୀଣ ସମ୍ବଳ ପରିଚାଳନା, ଭିତିଭୂମି ବିକାଶ, ଉପକୂଳ ଭୂମିର ଉପଯୋଗ ଏବଂ ଭୂମିର ବିସ୍ତାର ଆଦି କ୍ଷେତ୍ରରେ ଏହା ବେଶ ସହାୟକ ହୋଇପାରିବ। ଏହି ଅଭିଯାନରେ ସାମିଲ ବୈଜ୍ଞାନିକମାନଙ୍କୁ ଇସ୍ରୋ ଅଧ୍ୟକ୍ଷ ଡ. କେ ଶିବନ ପ୍ରଶଂସା କରିବା ସହିତ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସହଯୋଗ ପାଇଁ ସେ ଭାରତୀୟ ଉଦ୍ୟୋଗ ଜଗତକୁ ମଧ୍ୟ ପ୍ରଶଂସା କରିଥିଲେ। ପିଏସଏଲଭି-ସି ୪୭ ହେଉଛି 'ଏକ୍ସଏଲ' ବିନ୍ୟାସ ସହ ପିଏସଏଲଭିର ୨୧ତମ ମହାକାଶ ଯାନ। ଶ୍ରୀହରିକୋଟାରୁ ଏହା ହେଉଛି କାର୍ଟୋସାଟ ସିରିଜର ନବମ ଏବଂ ସର୍ବମୋଟ ୭୪ତମ ଉପଗ୍ରହ ଉତକ୍ଷେପଣ ଅଭିଯାନ। ଶ୍ରୀହରିକୋଟାସ୍ଥିତ ଦର୍ଶକ ଗ୍ୟାଲେରୀରୁ ପାଖାପାଖି ୫ହଜାର ଦର୍ଶକ ଏହି ଉପଗ୍ରହ ଉତକ୍ଷେପଣକୁ ଦେଖିଥିଲେ।

# ୨୦୨୩ରେ ପୁଣି ହକି ବିଶ୍ୱକପ୍



**ଭୁବନେଶ୍ୱର :** ଆସନ୍ତା୨୦୨୩ ପୁରୁଷ ହକି ବିଶ୍ୱକପ୍ ଓଡ଼ିଶାରେ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏହି ଘୋଷଣା କରିଛନ୍ତି। ଓଡ଼ିଶା ହକି ବିଶ୍ୱକପ-୨୦୧୮ର ପୂର୍ତ୍ତି ଅବସରରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୩ରେ ହେବାକୁଥିବା ପୁରୁଷ ବିଶ୍ୱକପ୍ କେବଳ ଭୁବନେଶ୍ୱରରେ ଖେଳାଯିବ ନାହିଁ। ବିଶ୍ୱକପର କିଛି ମ୍ୟାଚ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରେ ମଧ୍ୟ ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶା ପ୍ରକୃତରେ ବିଶ୍ୱ ହକିର କେନ୍ଦ୍ର ହୋଇପାରିଛି। ଏହା ପୁଣି ଥରେ ପ୍ରମାଣିତ ହୋଇଛି। ବିଶ୍ୱକପ୍ ହକି ଆୟୋଜନ କରିବାପାଇଁ ଭାରତ ସମେତ ମାଲେସିଆ ଏବଂ ବେଲଜିୟମ୍ ମଧ୍ୟ ଦୌଡରେ ଥିଲେ। ମାତ୍ର ଭାରତ ବିଡ୍ ଜିତିବା ସହ ପୁଣି ଥରେ ବିଶ୍ୱକପ୍ ଆୟୋଜନ କରିବାକୁ ସୁଯୋଗ ପାଇଛି। ଏହାସହ ହକି ଇଣ୍ଡିଆ ଓଡିଶାକୁ ନିଜର ଭେନ୍ୟୁ ଭାବେ ବାଛିବା ସହ ଓଡିଶା ସରକାରଙ୍କ ସହଭାଗିତା ଲୋଡିଛନ୍ତି। ସେହିପରି ହକି ଇଣ୍ଡିଆ ଏବଂ ଅନ୍ତର୍ଜାତୀୟ ହକି ମହାସଂଘ (ଏଫଆଇଏଚ୍)ର ସଭାପତି ନରିନ୍ଦର ବାତ୍ରା କହିଛନ୍ତି ହକି ପାଇଁ ଓଡ଼ିଶା ବିକାଶମୂଳକ କାମ କରୁଛି। ଭୁବନେଶ୍ୱର ଏବେ ଭାରତର କ୍ରୀଡ଼ାର ରାଜଧାନୀ ପାଲଟିଛି। ଆମେ ଏଠାରେ ୨୦୧୮ ହକି ବିଶ୍ୱକପ ଆୟୋଜନ କରି ଅଦ୍ଭୁତ ସଫଳତା ପାଇଛୁ। ଏହା ବିଶ୍ୱସ୍ତରରେ ଆଦରଣୀୟ ହୋଇପାରିଛି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଋଣୀ। ଓଡ଼ିଶାବାସୀ ଯେଉଁ ଭଲ ପାଇବା ଦେଇଛନ୍ତି, ସେଥିପାଇଁ ଆମେ ଋଣୀ। କଳିଙ୍ଗ ଷ୍ଟାଡିୟମ୍‌ରେ ଭରପୂର ଦର୍ଶକଙ୍କ ସମ୍ମୁଖରେ ଆୟୋଜିତ ଏହି ଉତ୍ସବରେ ଫେଡେରେସନ ଅଫ୍ ଇଣ୍ଟରନ୍ୟାସନାଲ ହକି (ଏଫ୍‌ଆଇଏଚ୍) ସଭାପତି ନରିନ୍ଦର ବାତ୍ରା, ହକି ଇଣ୍ଡିଆ ସଭାପତି ମହମ୍ମଦ୍ ମୁସ୍ତାକ, ଓଡ଼ିଶା ହକି ଉନ୍ନୟନ ପରିଷଦ ଚେୟାରମ୍ୟାନ୍ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନସଚିବ ଅସିତ ତ୍ରିପାଠୀ, ଅତିରିକ୍ତ ମୁଖ୍ୟ ଶାସନସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ କାର୍ତ୍ତିକେୟନ ପାଣ୍ଡିଆନ୍, କ୍ରୀଡ଼ା ଓ ଯୁବସେବା ବିଭାଗ ଶାସନ ସଚିବ ତଥା କମିଶନର ବିଶାଳ ଦେବ, କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶକ ଭିନିଲକ୍ରିଷ୍ଣା ଓ ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଲିନା ନର୍ମାନ ପ୍ରମୁଖ ଉପସ୍ଥିତ ଥିଲେ। ନିକଟ ଅତୀତରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଏକାଧିକ ଅନ୍ତର୍ଜାତୀୟ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ୨୦୧୪ରେ ଚାମ୍ପିଅନ୍ସ ଟ୍ରଫି ହକି, ୨୦୧୭ରେ ଏସିଆନ୍ ଆଥଲେଟିକ ଚାମ୍ପିଅନ୍‌ଶିପ୍, ୨୦୧୭ରେ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍, ୨୦୧୮ରେ ହକି ବିଶ୍ୱକପ୍, ୨୦୧୯ ଏଫ୍‌ଆଇଏଚ୍ ପୁରୁଷ ସିରିଜ୍ ଫାଇନାଲ୍ସ ଏବଂ ଚଳିତମାସରେ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜନ କରିଛି। ଏହାବ୍ୟତୀତ ୨୦୨୦ରେ ପ୍ରୋ ଲିଗ୍ ହକି ଏବଂ ଫିଫା ମହିଳା ଅଣ୍ଡର-୧୭ ବିଶ୍ୱକପ୍ ମଧ୍ୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

## ଏବେ ବି ବିଦ୍ୟାଳୟ ବାହାରେ ୧୦,୨୧୬ ଶିଶୁ

**ଭୁବନେଶ୍ୱର :** ରାଜ୍ୟର ୩୦ଟି ଜିଲ୍ଲାରେ ଏବେ ବି ୬ରୁ ୧୪ ବର୍ଷ ବୟସର ୧୦ ହଜାର ୨୧୬ ଶିଶୁ ବିଦ୍ୟାଳୟ ବାହାରେ। ବିଦ୍ୟାଳୟ ବାହାରେ ଥିବା ଏହି ଶିଶୁଙ୍କ ମଧ୍ୟରେ ୫୩୨୫ଜଣ ବାଳକ ଥିବାବେଳେ ୪୮୯୧ଜଣ ବାଳିକା ରହିଛନ୍ତି। ବୁଧବାରଦିନ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାସ। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ମୋହନଚରଣ ମାଝୀଙ୍କ ସରକାରୀ ସ୍କୁଲରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ସମ୍ପର୍କିତ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ବିଦ୍ୟାଳୟରୁ ଅଧାରୁ ପାଠ ଛାଡୁଥିବା ପିଲାଙ୍କର ବିଭିନ୍ନ କାରଣ ମଧ୍ୟରୁ ଗୃହକାର୍ଯ୍ୟ, ସାମାଜି ଓ ଆଞ୍ଚଳିକ କାରଣ, ଛୋଟ ପିଲାଙ୍କର ଲାଳନପାଳନ, କିଶୋରୀ ଅବସ୍ଥା ଇତ୍ୟାଦି ମୁଖ୍ୟ କାରଣ ବୋଲି କହିଛନ୍ତି। ଏହିପରି ସରକାରୀ ବିଦ୍ୟାଳୟରେ ପିଲାଙ୍କ ନାମଲେଖା ସଂଖ୍ୟା ମଧ ହ୍ରାସ ପାଇଥିବାବେଳେ ଘରୋଇ ବିଦ୍ୟାଳୟରେ ନାମଲେଖା ସଂଖ୍ୟା ବୃଦ୍ଧି ପାଇଛି। ୨୦୦୯-୧୦ରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷାରେ ନାମଲେଖା ଶିଶୁଙ୍କ ସଂଖ୍ୟା ଥିଲା ୫୯୪୯୨। ଏହି ବର୍ଷ ଘରୋଇ ବିଦ୍ୟାଳୟରେ ନାମଲେଖା ସଂଖ୍ୟାଥିଲା ୪୯୮୪। ୨୦୧୮-୧୯ରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷାରେ ନାମଲେଖା ଶିଶୁଙ୍କ ସଂଖ୍ୟା ଥିଲା ୫୭୮୮୦ ଏବଂ ଘରୋଇ ତଥା ଅନ୍ୟାନ୍ୟ ବିଦ୍ୟାଳୟରେ ନାମଲେଖା ଶିଶୁଙ୍କ ସଂଖ୍ୟା ଥିଲା ୬୪୪୭। ୨୦୦୯-୧୦ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ନାମଲେଖା ଶିଶୁଙ୍କ ନାମଲେଖା ଥିଲା ସରକାରୀ ବିଦ୍ୟାଳୟରେ ୫୬୧୭୦୭୮। ଘରୋଇ ବିଦ୍ୟାଳୟରେ ଏହି ଶିଶୁଙ୍କ ସଂଖ୍ୟା ଥିଲା ୫୭୧୨୫୬। ୨୦୧୮-୧୯ରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ନାମଲେଖାଉଥିବା ଶିଶୁଙ୍କ ସଂଖ୍ୟା ଥିଲା ୪୫୮୩୨୪୫। ଅନ୍ୟପକ୍ଷରେ ଘରୋଇ ତଥା ଅନ୍ୟାନ୍ୟ ବିଦ୍ୟାଳୟରେ ଏହି ନାମଲେଖାଇଥିବା ଶିଶୁଙ୍କ ସଂଖ୍ୟା ଥିଲା ୧୧୦୫୩୦୬। ରାଜ୍ୟରେ ଶିକ୍ଷା ଅଧିକାର ଆଇନ ୨୦୦୯ରୁ କାର୍ଯ୍ୟକାରୀ ହେଉଛି। ଏହାବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ଖାଦ୍ୟ, ପୋଷାକ, ପୁସ୍ତିକା ଯୋଗାଇ ଦିଆଯାଉଛି। କିନ୍ତୁ ବିଦ୍ୟାଳୟ ବାହାରେ ଏବେବି ୧୦ ହଜାରରୁ ଅଧିକ ଶିଶୁ ରହିବା ଚିନ୍ତାର ବିଷୟ। ସରକାର ବିଦ୍ୟାଳୟର ଭିତିଭୂମି ସଜାଡୁଛନ୍ତି, କିନ୍ତୁ ସରକାରୀ ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ହ୍ରାସ ପାଇବା ଚିନ୍ତାର କାରଣ ବୋଲି ଶ୍ରୀ ମାଝୀ ମତ ଦେବା ସହ ଏ ସମ୍ପର୍କରେ ସମୀକ୍ଷା କରିବାକୁ ଗୁରୁତ୍ୱାରୋପ କରିଛନ୍ତି।

## ଜାଇକା କାମ ଶୀଘ୍ର ଶେଷ କରିବାକୁ ଦାବି

**ଭୁବନେଶ୍ୱର :** କଟକ ସହରରେ ଜାଇକା କାମ ପାଇଁ ଲୋକ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜାଇକା କାମ ସରୁ ନାହିଁ । ତେଣୁ ଏହି ମାମଲାରେ କାମ ଶୀଘ୍ର ଶେଷ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବାକୁ ବିଧାନସଭାରେ ଅନୁରୋଧ କରିଛନ୍ତି କଟକ ବାରବାଟୀ ବିଧାୟକ ମୋହମ୍ମଦ ମୋକିମ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉତଥାପନ କରି ଶ୍ରୀ ମୋକିମ କହିଥିଲେ ଯେ ଆଗାମୀ ଡିସେମ୍ବର ମାସରେ କଟକରେ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ । ଜାଇକା କାମକୁ ୨୦୧୯ ସୁଦ୍ଧା ଶେଷ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହା ସତ୍ତ୍ୱେ କାମ ସରି ନାହିଁ । କ୍ରିକେଟ ମ୍ୟାଚ ଦେଖିବାକୁ ଦେଶ ବିଦେଶରୁ ଲୋକ ମାନେ କଟକ ଆସୁଥିବା ବେଳେ ଏହି କାମ ଶେଷ ନ ହୋଇଥିବା କାରଣରୁ ଓଡିଶାର ଭାବମୂର୍ତ୍ତି ସମଗ୍ର ବିଶ୍ୱରେ ପ୍ରଭାବିତ ହେବ । ତେଣୁ ଏହି କାମକୁ ଶୀଘ୍ର ଶେଷ କରିବାକୁ ସେ ଦାବି କରିଥିଲେ।

# ଉତ୍କଳ ହେଉଛି ସୃଜନ ଓ ଶାଶ୍ୱତର ଉର୍ବର ଭୂମି : ରାଜ୍ୟପାଳ

**ଭୁବନେଶ୍ୱର :** ଆମ ରାଜ୍ୟରେ ସୃଜନର ପରମ୍ପରା ଖୁବ୍ ସମୃଦ୍ଧ । ଏଠାରେ ସୃଜନର ଅବାରିତ ଧାରା ପ୍ରବାହିତ । ସୃଜନର ସଫଳ ପ୍ରକାଶ ଓ ବିକାଶ ନିମନ୍ତେ ଅନୁକୂଳ ପରିବେଶ ଆବଶ୍ୟକ ଏବଂ ସେ ପରିବେଶ ଓଡ଼ିଶାରେ ଅଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ 'ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ-ରାଜ୍ୟପାଳ ଟ୍ରଫି, ୨୦୧୭-୧୮' ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ 'ଏତେ ସଂଖ୍ୟକ ଶିଶୁକିଶୋର ପ୍ରତିଭାମାନଙ୍କୁ ଦେଖି ସେ ସତରେ ଉଲ୍ଲସିତ । ଏହିମାନଙ୍କ ଦ୍ୱାରା ସୃଷ୍ଟି ହେବ ସହସ୍ର କଳାର କୋଣାର୍କ । ଜୀବନରେ ଆହୁରି ଉନ୍ନତି କର, ଆହୁରି ଆଗକୁ ଯାଅ, ନିଜ ପାଇଁ ନିଜେ ପରିଚୟ ସୃଷ୍ଟିକର' ବୋଲି ରାଜ୍ୟପାଳ କହିଥିଲେ। ସେ କହିଥିଲେ ଯେ ଉତ୍କର୍ଷ କଳାର ରାଜ୍ୟ ଭାବରେ ଉତ୍କଳର ବିଶେଷ ପରିଚୟ ଓ ପ୍ରତିଷ୍ଠା ରହିଆସିଛି । ଉତ୍କଳ ହେଉଛି ସୃଜନ ଓ ଶାଶ୍ୱତର ଉର୍ବର ଭୂମି । ଏହା ଭାବର ଭୂଗୋଳ । ସମଗ୍ର ବ୍ରହ୍ମାଣ୍ଡରେ ଉତ୍କଳ ସହ ସମକକ୍ଷ ଭୂମି ନାହିଁ । ସ୍ଥାନୀୟ ରବୀନ୍ଦ୍ରମଣ୍ଡପରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମର୍ମରେ କୃତୀ ପ୍ରତିଭାମାନଙ୍କୁ ଉତ୍ସାହ ପ୍ରଦାନ ସହ ସେମାନଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିର ବିକାଶ ନିମନ୍ତେ ବହୁବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବା କଥା ଉଲ୍ଲେଖ କରିବା ପୂର୍ବକ କୃତୀ ପ୍ରତିଯୋଗୀମାନେ ଓଡ଼ିଶାର କଳା ଓ ସଂସ୍କୃତିର ଅଧିକତର ପ୍ରତିଷ୍ଠାରେ ଭାଗୀଦାରି ସାବ୍ୟସ୍ତ କରିବେ ବୋଲି ଆଶା ପ୍ରକଟ କରିଥିଲେ । ବିଭାଗୀୟ କମିଶନର ତଥା ଶାସନ ସଚିବ ବିଷ୍ଣୁପଦ ସେଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ଲୁପ୍ତପ୍ରାୟ କଳା ତଥା ନୃତ୍ୟସଂଗୀତର ସଂଗ୍ରହଣ କାଯର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ଓ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଭାପତି ରାମକୃଷ୍ଣ ସାହୁ, ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଂପାଦକ ଡ. ବିଜୟ ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ । ପୁରସ୍କୃତ ପ୍ରତିଭାମାନଙ୍କର ପ୍ରସ୍ତୁତ ଚିତ୍ରଗୁଡ଼ିକର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହାକୁ ଅତିଥିମାନେ ବୁଲି ଦେଖିଥିଲେ । ଲଳିତ କଳା ଏକାଡେମୀର ସଂପାଦକ ଗଜେନ୍ଦ୍ର ସାହୁ ଅତିଥିମାନଙ୍କୁ ପ୍ରଦର୍ଶନୀ ସଂପର୍କିତ ସୂଚନା ଦେଇଥିଲେ । ପ୍ରତିଭା ଅନ୍ୱେଷଣ ୨୦୧୭-୧୮ରେ ଓଡ଼ିଶୀ ନୃତ୍ୟ ବରିଷ୍ଠ ପଯର୍ଯ୍ୟାୟ, ଓଡ଼ିଶୀ ନୃତ୍ୟ କନିଷ୍ଠ ପଯର୍ଯ୍ୟାୟ, ସଂଗୀତ ବରିଷ୍ଠ ପର୍ଯ୍ୟାୟ, ସଂଗୀତ କନିଷ୍ଠ ପର୍ଯ୍ୟାୟ, ଲୋକନୃତ୍ୟ ବରିଷ୍ଠ ପର୍ଯ୍ୟାୟ, ଲୋକନୃତ୍ୟ କନିଷ୍ଠ ପର୍ଯ୍ୟାୟ, ଚିତ୍ରାଙ୍କନ ବରିଷ୍ଠ ପର୍ଯ୍ୟାୟ ଓ ଚିତ୍ରାଙ୍କନ କନିଷ୍ଠ ପର୍ଯ୍ୟାୟରେ ଅନୁସ୍କା ମହାକୁଡ଼ (ଅନୁଗୋଳ), ମୋନାଲିସା କୁମାର (ସୁନ୍ଦରଗଡ଼), ପଦ୍ମାବତୀ ମହାନ୍ତ (କେନ୍ଦୁଝର), ଆଞ୍ଚଲ ପଣ୍ଡା (ଖୋର୍ଦ୍ଧା), ଅଙ୍କିତା ମହାରଣା (ଗଞ୍ଜାମ), ହର୍ଷିତା ମହାନ୍ତି (ଅନୁଗୋଳ), ଅଭିଲିପ୍‌ସା ପଣ୍ଡା (କେନ୍ଦୁଝର), ଜସ୍ମିନ୍ ମହାନ୍ତି (କେନ୍ଦ୍ରାପଡ଼ା), ଯୋଗେଶ୍ୱର ଦାଶ (ବରଗଡ଼), ଦେବାଂଶୀ ଦାଶ (ପୁରୀ), ଅନିମେଶ ଦାଶ (କେନ୍ଦୁଝର), ଆର୍ଯ୍ୟା ଆଦ୍ୟାଶକ୍ତି ତ୍ରିପାଠୀ (ବରଗଡ଼), ଅର୍ପିତା ପ୍ରିୟଦର୍ଶିନୀ ମହାନ୍ତି (ବରଗଡ଼), ସିଦ୍ଧପ୍ରଜ୍ଞା ପାଢ଼ୀ (ସମ୍ବଲପୁର), ଡିମ୍ପୁଲ୍ ସାହୁ (ମୟୂରଭଞ୍ଜ), ଅଂଶୁମାନ୍ ଦାଶ (ବରଗଡ଼), ପୁଣ୍ୟପୁଲକିତା ମହାପାତ୍ର(ସୁନ୍ଦରଗଡ଼), ଗଙ୍ଗୋତ୍ରୀ ଦାସ (କେନ୍ଦୁଝର), ଯଯାତିକେଶରୀ ଷଡ଼ଙ୍ଗୀ (କେନ୍ଦ୍ରାପଡ଼ା), ଗୌରବ ମହାନ୍ତି (କଟକ), ଫେରି ପଟ୍ଟନାୟକ (ଜଗତସିଂହପୁର), ସ୍ୱୟଂଶ୍ରୀ ଚକ୍ର (କେନ୍ଦୁଝର), ଓମ୍‌ପ୍ରଭା କରଣ (ବାଲେଶ୍ୱର) ଓ ରିତିକା ଜେନା(ସୁନ୍ଦରଗଡ଼) ପୁରସ୍କୃତ ହୋଇଥିଲେ ।

## ବିଭିନ୍ନ ସଂସ୍ଥା ଉପରେ ୩୨୨୫କୋଟିରୁ ଉର୍ଦ୍ଧ୍ୱ ବକେୟା ଜଳକର

**ଭୁବନେଶ୍ୱର :** ରାଜ୍ୟରେ ବିଭିନ୍ନ ଶିଳ୍ପ, ଖଣି ଓ ଅନ୍ୟ ସଂସ୍ଥାମାନେ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ବକେୟା ରଖିଥିବା ଜଳକର ଅର୍ଥରାଶିର ପରିମାଣ ପ୍ରାୟ ୩୨୨୫ କୋଟି ୪୭ ଲକ୍ଷ ଅଟେ। ସଭ୍ୟ ସୁଧୀର କୁମାର ସାମଲଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତର ଦେଇ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ସେ କହିଛନ୍ତି ଯେ, ବକେୟା ଅର୍ଥ ଆଦାୟ କରିବା ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଏଥିମଧ୍ୟରୁ ବିଭିନ୍ନ ସଂସ୍ଥାମାନଙ୍କ ଦ୍ୱାରା ନ୍ୟାୟାଳୟରେ ମାମଲା ରୁଜୁ କରାଯାଇଥିବାରୁ ପ୍ରାୟ ୨୪୬୧ କୋଟି ୫୭ ଲକ୍ଷ ଟଙ୍କା ଜଳକର ଆଦାୟ ପାଇଁ ବିଚାରାଧୀନ ଅଛି। ଏହାର ଶୀଘ୍ର ଫଇସଲା ପାଇଁ ସରକାର ମହାଧିବକ୍ତାଙ୍କ ଜରିଆରେ ତ୍ୱରିତ ପଦକ୍ଷେପ ନେଉଛନ୍ତି। ମାମଲା ରୁଜୁ କରିଥିବା ସଂସ୍ଥାମାନଙ୍କ ଠାରୁ ବକେୟା ଜଳକର ପରିମାଣ ୫୦ ପ୍ରତିଶତ ଆଦାୟ ନିମନ୍ତେ ଉଚ୍ଚନ୍ୟାୟାଳୟରେ ମିସକେସ ଫାଇଲ କରାଯାଇଛି। ସେଂଟ୍ରାଲ/ଷ୍ଟେଟ ପିଏସୟୁମାନଙ୍କ ଉପରେ ପ୍ରାୟ ୨୦୩ କୋଟି ୯୪ ଲକ୍ଷ ଟଙ୍କା ବକେୟା ଅଛି। ସରକାର ଏହି ସଂସ୍ଥାମାନଙ୍କର ସମସ୍ୟା ସମାଧାନ ପାଇଁ ଏକ ସର୍ତାବଳୀ ଅନୁସାରେ ଏପର୍ଯ୍ୟନ୍ତ ଏମସିଏଲର ୭ଟି ୟୁନିଟ୍ ନାଲ୍‌କୋର ଦୁଇଟି ୟୁନିଟର ସମାଧାନ ହୋଇଛି, ଏହି ସର୍ତାବଳୀ ଅନୁସାରେ ଅନ୍ୟାନ୍ୟ କେନ୍ଦ୍ରୀୟ/ରାଜ୍ୟ ପିଏସୟୁର ସମସ୍ୟା ସମାଧାନ କରାଯିବା ପାଇଁ ପଦକ୍ଷେପ ନିଆଯାଉଅଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା


**ଭୁବନେଶ୍ୱର :** ୨୦୧୬-୧୭ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗତ ୪ ବର୍ଷ ମଧ୍ୟରେ ମଞ୍ଜୁର ହୋଇଥିବା ୧୫.୫୭ ଲକ୍ଷ ଗୃହ ମଧ୍ୟରୁ ୯.୦୩ ଲକ୍ଷ ଗୃହ ନିର୍ମାଣ ଶେଷ ହୋଇଛି। ଗୃହ ନିର୍ମାଣ ଯୋଜନାରେ ଅନିୟମିତତାକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ ବୋଲି ଗୃହ ଓ ନଗର ଉନ୍ନୟନ ତଥା ପଞ୍ଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ପ୍ରକାଶ କରିଛନ୍ତି। ସଭ୍ୟ ମୋହନ ଚରଣ ମାଝୀ, ସନାତନ ବିଜୁଳି, ମୁକେଶ ମହାଲିଙ୍ଗ ଓ ନବ ଚରଣ ମାଝୀଙ୍କ ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ବ୍ୟାପକ ଅନିୟମିତତା ଉପରେ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଏହ କହିଥିଲେ। ସେ କହିଥିଲେ ଯେ ଏହି ଯୋଜନାରେ ଅନିୟମିତତା ରୋକିବା ପାଇଁ ରାଜ୍ୟ ସରକାର ଏକ ଟୋଲ ଫ୍ରି ନମ୍ବର ୧୮୦୦-୩୪୫୬୭୬୮ ଜରିଆରେ ଆପତି ଗ୍ରହଣ କରୁଛନ୍ତି। ଆପତି ଆଧାରରେ ୨୨ ଜଣଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି , ୪୪ ଜଣଙ୍କୁ କାର୍ଯ୍ୟରୁ ନିଲମ୍ବନ, ୩୫ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ପ୍ରସଙ୍ଗରେ ମୁଲତବି ପ୍ରସ୍ତାବ ଆଣିଥିବା ବିରୋଧୀ ଦଳ ବିଧାୟକ ମୋହନ ମାଝୀ, ବିଷ୍ଣୁ ଚରଣ ସେଠୀ, ନବ ଚରଣ ମାଝୀ, ସନ୍ତୋଷ ସିଂହ ସାଲୁଜା, ତାରା ପ୍ରସାଦ ବାହିନୀପତି ଅଭିଯୋଗ କରିଥିଲେ ଯେ ଭୂମିହୀନମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦେବା ପ୍ରକ୍ରିୟାରେ ବିଳମ୍ବ ହେଉଛନ୍ତି। ନିଜ ଦଳର ଲୋକମାନଙ୍କୁ ଏକାଧିକ ଆବାସ ଯୋଗାଇ ଦିଆଯାଉଛି। ଏହା ଉପରେ ନିରପେକ୍ଷ ତଦନ୍ତ ହେବା ଦରକାର। ଉକ୍ତ ପ୍ରସଙ୍ଗରେ ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବ ଆଣିଥିବା ଶାସକ ଦଳ ସଭ୍ୟ ପ୍ରଫୁଲ୍ଲ ସାମଲ, ଅଶ୍ୱିନୀ ପାତ୍ର, ଧ୍ରୁବ ସାହୁ, ଲତିକା ପ୍ରଧାନ ପ୍ରମୁଖ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କେନ୍ଦ୍ର ସରକାର ୫୦ ପ୍ରତିଶତ ଅର୍ଥଦେଉଥିବା ବେଳେ ରାଜ୍ୟ ସରକାର ମଧ୍ୟ ୫୦ ପ୍ରତିଶତ ଦେଉଛନ୍ତି। ଏହି ଯୋଜନାକୁ ପ୍ରଧାନମନ୍ତ୍ରୀଙ୍କ ନାମ ସହ ମୁଖ୍ୟମନ୍ତ୍ରୀଙ୍କ ନାମ ଉଲ୍ଲେଖ କରାଯାଉ। ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯାଇଛି ବେଲି ସେମାନେ କହିଥିଲେ। ମନ୍ତ୍ରୀଙ୍କ ଉତରରେ ଅସନ୍ତୋଷ ପ୍ରକାଶ କରି ବିରୋଧ ଦଳ ସଭ୍ୟମାନେ କକ୍ଷ ତ୍ୟାଗ କରିଥିଲେ।

# ଜନଗଣନା ପାଇଁ ମାଷ୍ଟର ଟ୍ରେନରମାନଙ୍କ ପ୍ରଶିକ୍ଷଣ

**ଭୁବନେଶ୍ୱର :** ଭାରତ ସରକାରଙ୍କ ଭୁବନେଶ୍ୱରସ୍ଥିତ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡିଶା ସରକାରଙ୍କ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନ ପକ୍ଷରୁ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନ ପ୍ରଶିକ୍ଷଣ ସମ୍ମିଳନୀ କକ୍ଷରେ ୨୦୨୧ ଜନଗଣନା ପାଇଁ ପ୍ରଥମ ପର୍ଯ୍ୟାୟରେ ମାଷ୍ଟର ଟ୍ରେନ୍‌ରମାନଙ୍କ ପାଇଁ ୬ ଦିନିଆ ଟ୍ରେନିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ୬୮ ଜଣ ମାଷ୍ଟର ଟ୍ରେନର ୨ ଟି ପର୍ଯ୍ୟାୟରେ ତାଲିମ ଗ୍ରହଣ କରିବେ ଏବଂ ଏହା ଆସନ୍ତା ଡିସେମ୍ବର ମାସ ୭ ତାରିଖରେ ସମାପ୍ତ ହେବ। ଏହି କାର୍ଯ୍ୟକ୍ରମରେ ଗୃହ ଗଣନା ଓ ଜନସଂଖ୍ୟା ରେଜିଷ୍ଟର ସମ୍ପର୍କରେ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହି ଅଧିକାରୀମାନେ ଜିଲ୍ଲାସ୍ତରରେ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ତାଲିମ ଦେବେ ଯେଉଁମାନେ କି ଜନଗଣନାକାରୀ ଏବଂ ସୁପରଭାଇଜରମାନଙ୍କୁ ତାଲିମ୍ ପ୍ରଦାନ କରିବେ। ଗୃହ ଗଣନା ସର୍ବେକ୍ଷଣରେ ଗୃହ ଗଣନା କରାଯିବା ସହ ପରିବାରରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ଯଥା, କମ୍ପୁଟର, ଟେଲିଭିଜନ, ମୋବାଇଲ. ଯାନବାହନ, ରୋଷାଇଘର, ପାଇଖାନା, ଗାଧୁଆଘର ଇତ୍ୟାଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଗୋପବନ୍ଧୁ ପ୍ରଶାସନିକ ତାଲିମ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଏସ୍.ପି.ଠାକୁର ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ରୁଦ୍ର ନାରାୟଣ ପଲାଇ ଅତିଥି ଭାବେ ଯୋଗଦେଇ ଭାରତ ସରକାର ଏବଂ ଓଡିଶା ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି, ସେନ୍‌ସସ୍ ଆକ୍ଟ ଓ ଜନଗଣନା ତଥ୍ୟର ଗୋପନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ତାଲିମ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିବା ସହିତ ରାଜ୍ୟସରକାରଙ୍କ ଅଧିକାରୀମାନଙ୍କ ସହଯୋଗ କାମନା କରିଥିଲେ ଏବଂ ପ୍ରତିଷ୍ଠାନର ସଂଯୁକ୍ତ ନିର୍ଦ୍ଦେଶକ ପ୍ରଭାକର ବରାଡ ୨୦୨୧ ଜନଗଣନା ମୋବାଇଲ୍ ଆପ୍ ଦ୍ୱାରା କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଥିଲେ। ପ୍ରକାଶ ଥାଉକି ୨୦୧୦ ମସିହାର ଏନ୍.ପି.ଆର ସର୍ଭେ ଯାହା ୨୦୧୫ ମସିହାରେ ଚୂଡାନ୍ତ ହୋଇଥିଲା, ଏହି ଏନ୍.ପି.ଆର ରିପୋର୍ଟ ଆସନ୍ତା ୨୦୨୦ ଅପ୍ରେଲ ମାସରୁ ଆରମ୍ଭ ହୋଇ ୪୫ ଦିନ ମଧ୍ୟରେ ପୁନଃ ଅପ୍‌ଡେଟ୍ ( ଅଧୁନାତନକରଣ) କରାଯିବ । ଏହି କାର୍ଯ୍ୟକ୍ରମକୁ ଗୋପବନ୍ଧୁ ପ୍ରଶାସନିକ ତାଲିମ ପ୍ରତିଷ୍ଠାନର ସଂଯୁକ୍ତ ଆୟୁକ୍ତ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିବା ବେଳେ ଉପ ନିର୍ଦ୍ଦେଶିକା ଡଃ. ମମତାରାଣୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜନଗଣନା ବିଭାଗ ପକ୍ଷରୁ ଜାତୀୟ ସ୍ତରୀୟ ତାଲିମଦାତା (ନ୍ୟାସନାଲ ଟ୍ରେନର) ଡଃ. ଅଭୟ ନାରାୟଣ ନାୟକ ଏବଂ ଉପ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ ଯୋଗଦେଇଥିଲେ। ପରିଶେଷରେ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଉପ ନିର୍ଦ୍ଦେଶକ ହାରାଧନ କର୍ମୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଟିଏ ବର୍ଷରେ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟୟ ୪୮୨.୧୨ କୋଟି

**ଭୁବନେଶ୍ୱର :** ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୦୧୮ ଅକ୍ଟୋବରରୁ ୨୦୧୯ ଅକ୍ଟୋବର ମଧ୍ୟରେ ରାଜ୍ୟ ରାଜକୋଷରୁ ସରକାର ବ୍ୟୟ କରିଛନ୍ତି ୪୮୨.୧୨ କୋଟି ଟଙ୍କା। ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ମୋହନଚରଣ ମାଝୀଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟୟର ପରିମାଣ ସମ୍ପର୍କିତ ପ୍ରଶ୍ନର ଉତର ରଖି ମନ୍ତ୍ରୀ ଶ୍ରୀ ସ୍ୱାଇଁ ତଥ୍ୟ ଦେଇ କହିଛନ୍ତି ଯେ, ରାଜ୍ୟରେ ଅକ୍ଟୋବର ୨, ୨୦୧୮ଠାରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଣୟନ କରାଯାଉଛି। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଯୋଜନାରେ ୨୦୧୮ ଅକ୍ଟୋବରରୁ ୨୦୧୯ ଅକ୍ଟୋବର ମଧ୍ୟରେ ପଞ୍ଜିକୃତ ହିତାଧିକାରୀଙ୍କୁ ବଣ୍ଟନ ନିମନ୍ତେ ରାଜ୍ୟ ସରକାର ୧,୩୯,୫୦୩ ମେଟ୍ରିକ ଟନ୍ ଚାଉଳ ଯୋଗାଣ ନିମନ୍ତେ ୪୮୨ କୋଟି ଟଙ୍କା ବ୍ୟୟ କରିଛନ୍ତି। ଆଧାର ସଂଯୋଗୀକରଣ ନଥିବା ସତ୍ତ୍ୱେ ରାଜ୍ୟର ସମସ୍ତ ୮୯ ଲକ୍ଷ ୧୬ହଜାର ୩୧୪ଟି ପରିବାରଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁସାରେ ଖାଦ୍ୟ ସୁରକ୍ଷା ଯୋଗାଇ ଦିଆଯାଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୨୦୧୩ ହିତାଧିକାରୀ ତାଲିକାରୁ ମୃତ ଓ ଅଯୋଗ୍ୟ ରାସନକାର୍ଡଧାରୀଙ୍କୁ ବାଦ୍‌ଦେବା ପରେ ଏହାଦ୍ୱାରା ସୃଷ୍ଟି ହୋଇଥିବା ଖାଲି ସ୍ଥାନରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ତାଲିକାଭୁକ୍ତ ୩ଲକ୍ଷ ୬୧ ହଜାର ୫୯୭ ପରିବାରର ୧୨ଲକ୍ଷ ୨୫ ହଜାର ୪୧ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ତାଲିକାରୁ ସ୍ଥାନାନ୍ତର କରାଯାଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ରେ ସାମିଲ କରାଯାଇଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୫ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ୩ଲକ୍ଷ ୬୧ ହଜାର ୫୯୭ ପରିବାରଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ରାଜ୍ୟରେ ଏହି ଖାଦ୍ୟ ସୁରକ୍ଷା ଯୋଜନାର ଲକ୍ଷ୍ୟ ପୂରଣ ଦିଗରେ ପଦକ୍ଷେପ ନିଆଯାଇପାରିନାହିଁ। ଏବେବି ଅନେକ ବଂଚିତ ପରିବାର ଅଛନ୍ତି ଯେଉଁମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସରକାରଙ୍କ ଘୋଷଣା ବିଫଳ ହୋଇଛି ଓ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାର ଶେଷ ହୋଇନାହିଁ। ଏଦିଗରେ ସମୀକ୍ଷା କରିବା ସହ ସମସ୍ତ ପ୍ରକୃତ ହିତାଧିକାରୀଙ୍କ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ସାମିଲ କରିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



# ସମାଜ ପାଇଁ ଭଲ ଶିକ୍ଷା ଆବଶ୍ୟକ

ରାଜ୍ୟରେ ନାବାଳିକାଙ୍କୁ ଦୁଷ୍କର୍ମ, ହତ୍ୟା ପ୍ରସଙ୍ଗରେ ବିଧାନସଭାରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ନାଉରୀ ନାୟକଙ୍କ ପ୍ରଶ୍ନ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଉତ୍ତରକୁ ଦେଖିଲେ ଏହା ନିଶ୍ଚୟ ଲଜ୍ଜାଜନକ। ପଞ୍ଜିକୃତ ହୋଇଥିବା ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହାରକୁ ଦେଖିଲେ ଏହା ଖୁବ୍ ନଗଣ୍ୟ। ଏହି ମାମଲା ଗୁଡିକର ତ୍ୱରିତ ବିଚାର ପାଇଁ ପ୍ରତି ଜିଲ୍ଲାରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସ୍ଥାପନ ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲେ ବି ଏ କ୍ଷେତ୍ରରେ ରାଜ୍ୟ ସରକାର ସେଭଳି କିଛି ପଦକ୍ଷେପ ନେଇଛନ୍ତି କି ନାହିଁ ଭଳି ପ୍ରଶ୍ନ ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଦର୍ଶାଇଥିଲେ ଯେ, ୨୦୧୮ ମସିହାରେ ୨୫୦୨ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା। ଏଥିରେ ୧୪୩୦ଜଣ ନାବାଳିକା ଅଛନ୍ତି। ସେହିପରି ୨୦୧୯ ଜୁନ୍ ମାସ ସୁଦ୍ଧା ୧୧୪୯ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ସେଥି ମଧ୍ୟରେ ୬୦୪ଜଣ ନାବାଳିକା। ୨୦୧୮ ମସିହାରେ ୧୦୭୩ଟି ଦୁଷ୍କର୍ମ ମାମଲାର ବିଚାର ରାଜ୍ୟର ବିଭିନ୍ନ କୋର୍ଟରେ ହୋଇଥିଲା। ଯେଉଁଥିରେ ୧୯୭ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ୮୭୬ଜଣ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ତେଣୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହାର ୧୮.୩୫ ପ୍ରତିଶତ। ସେହିପରି ରାଜ୍ୟ ସରକାର ପୋକ୍ସୋ ମାମଲା ଗୁଡିକର ବିଚାର ନିମନ୍ତେ ୨୪ଟି ସ୍ୱତନ୍ତ୍ର କୋର୍ଟ ଅନୁଗୁଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗିର, କଟକ, ଢେଙ୍କାନାଳ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, କନ୍ଧମାଳ, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଠାରେ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ସେହିପରି ଆଉ ୨୧ଟି ସ୍ୱତନ୍ତ୍ର କୋର୍ଟ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ମିଶ୍ର କହିଥିଲେ। ତେବେ ନାବାଳିକା ଦୁଷ୍କର୍ମକୁ ନେଇ ପରିସଂଖ୍ୟାନ ଯାହା କହୁଛି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଘୃଣ୍ୟ ଘଟଣା। ଯେଉଁ ସମାଜରେ ନାବାଳିକା ସୁରକ୍ଷିତ ନୁହନ୍ତି ଏବଂ ମହିଳାମାନେ ସୁରକ୍ଷା ପାଇବାରୁ ବଞ୍ଚିତ ସେ କ୍ଷେତ୍ରରେ ଦିନକୁ ଦିନ ଲୋକ ଚରିତ୍ରର ଅବକ୍ଷୟ କିଭଳି ଘଟି ଚାଲିଛି ସେଥିରୁ ସମସ୍ତେ ଶିକ୍ଷାଲାଭ କରିବା ଉଚିତ୍। କାରଣ ଶିକ୍ଷା ଓ ସଭ୍ୟତାର ଊର୍ଦ୍ଧ୍ୱକୁ ଯାଇ ମଣିଷ ଯେତେବେଳେ ନିଜର ବିଚାର, ବୁଦ୍ଧି ଓ ବିବେକ ହରାଇ ବସେ ସେତେବେଳେ ସମାଜ କଳୁଷିତ ହେବା ସହିତ ଧ୍ୱଂସ ମୁଖକୁ ଟାଣି ହୋଇଯାଏ।

ମାତୃ ଜାତିର ସୁରକ୍ଷା ନଥିବା ସମାଜ କେବେ ସମାଜରେ ପରିଗଣିତ ହୁଏନାହିଁ। ଅତୀତରୁ ଆଜିଯାଏ ଆମେ ନାରୀ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଆସୁଥିଲେ ସୁଦ୍ଧା କଠୋର ଦଣ୍ଡବିଧାନ ଅଭାବରୁ ଏଭଳି ଅପରାଧ କରୁଥିବା ବ୍ୟକ୍ତିମାନେ ଆଇନକୁ ଭୟ କରୁନାହାନ୍ତି। ଯେଉଁଥିପାଇଁ ଦୁଷ୍କର୍ମ ଭଳି ମାମଲା ବଢ଼ିବଢ଼ି ଚାଲିଛି। ଏହା ସାମାଜିକ ଓ ଚାରିତ୍ରିକ ଅବକ୍ଷୟର ନଗ୍ନ ଉଦାହରଣ ମାତ୍ର। ଆମ ସମାଜରେ କୋମଳମତି ଶିଶୁଟିଏ ବି ଯେଭଳି କାମାନ୍ଧଙ୍କ ଲୋଲୁପ ଦୃଷ୍ଟିରୁ ବର୍ତ୍ତିପାରୁନାହାନ୍ତି। ଏ ପ୍ରକାର ମାନସିକତା ପାଇଁ ଦାୟୀ କିଏ? ସମାଜ ବ୍ୟବସ୍ଥା ଏଥିପାଇଁ ଦାୟୀ ବୋଲି ଆମେ କହିପାରିବା। କାରଣ ଯେଉଁ ସମାଜରେ ପରିବାର ଭିତରୁ ପିଲାମାନଙ୍କୁ ଉତ୍ତମ ଚରିତ୍ର ଗଠନର ଶିକ୍ଷା ପ୍ରଦାନ କରାଯାଏନାହିଁ କିମ୍ବା ସେମାନଙ୍କ ଗତିବିଧି ଉପରେ ଅଭିଭାବକମାନେ ନଜର ରଖନ୍ତିନାହିଁ ସେତେବେଳେ କିଶୋର ହୁଅନ୍ତୁ ବା ଯୁବକ ନଷ୍ଟପଥର ନାୟକ ଭଳି ଖଳ ବୁଦ୍ଧି ପ୍ରୟୋଗ କରିବାକୁ ପଛାଇ ନଥାନ୍ତି। ପରିଣାମ ସ୍ୱରୂପ ଏଭଳି କୁକର୍ମ କରିବାକୁ ସେମାନେ ଆଗ୍ରହ ପ୍ରକାଶ କରିଥାନ୍ତି। ଯଦି ପରିବାର ଭିତରେ ବା ସାମାଜିକ କ୍ଷେତ୍ରରେ ଏମାନଙ୍କୁ ଉତ୍ତମ ରୂପେ ଗଢ଼ିତୋଳିବାର ବ୍ୟବସ୍ଥା କରାଯାଇଥାନ୍ତା ତେବେ ଏମାନଙ୍କ ମନ, ବିବେକ ଓ ହୃଦୟ ସଠିକ୍ ପଥରେ ଯିବା ସହିତ ସାମାଜିକ ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ଆଗଭର ହୋଇଆସନ୍ତା। ଅନ୍ୟତମ କାରଣ ଭାବେ ଦେଖିଲେ ନିଶାଦ୍ରବ୍ୟ ସେବନ ଦୁଷ୍କର୍ମ ଓ ଅପରାଧକୁ ପ୍ରଶୟ ଦେଇଚାଲିଛି। ଏହା ମଦ, ସିଗାରେଟ୍, ଚରସ, ହେରୋଇନ ଓ ଗଞ୍ଜା ଭଳି ନିଶାଦ୍ରବ୍ୟର ପ୍ରଭାବ ମଧ୍ୟ ହୋଇପାରେ। ଯେଉଁ ସମାଜରେ ନିଶା ନିବାରଣର ଧ୍ୱଜା ଉଡିବା କଥା ସେଠାରେ ଯେତେବେଳେ ବ୍ୟବସ୍ଥାପକ ମାନେ ନିଶାଦ୍ରବ୍ୟର ପ୍ରଚଳନକୁ ଅଗ୍ରାଧିକାର ଦେଉଛନ୍ତି ସେତେବେଳେ ଏଭଳି ଅପରାଧିକ ମାନସିକତା ରଖିଥିବା ବ୍ୟକ୍ତିମାନେ ଅଧିକରୁ ଅଧିକ ଉଚ୍ଛୃଙ୍ଖଳ ହେବା ସହିତ ସମାଜ ବ୍ୟବସ୍ଥାକୁ ଧୂଳିସାତ କରିଦେବା ପାଇଁ ମଧ୍ୟ ପଛେଇ ନଥାନ୍ତି। ଫଳସ୍ୱରୂପ ଦିନକୁ ଦିନ ଅପରାଧର ହାର ବଢ଼ିଚାଲିବା ସହିତ ବିଶୃଙ୍ଖଳାର ପାହାଡମାନ ନିଜର ପତିଆରା ଜାହିର କରି ନିଜେ ଦିଗଭ୍ରଷ୍ଟ ହେବା ସହିତ ଅନ୍ୟକୁ ଦିଗଭ୍ରଷ୍ଟ କରାଇବାରେ ସାହାଯ୍ୟ କରିଥାନ୍ତି। ତେଣୁ ଛାତ୍ରାବସ୍ଥାରୁ ପିଲାମାନଙ୍କୁ ଚରିତ୍ର ଗଠନର ଶିକ୍ଷାଦାନ ସହିତ ବିବେକ, ହୃଦୟ ଓ ମନକୁ କିଭଳି ପବିତ୍ର ରଖାଯାଇପାରିବ ଓ ସାମାଜିକ ପ୍ରତିବଦ୍ଧତାରେ ସହାୟକ ହୋଇପାରିବ ସେ ଦିଗରେ ଯେପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ, ବ୍ୟକ୍ତି, ସାମାଜିକ କର୍ମୀ ଓ ସରକାର ଆଗେଇ ନ ଆସିଛନ୍ତି ସେ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ନାହିଁ। ଅନେକ ଦୁଷ୍କର୍ମ ମାମଲାରେ ଦୋଷୀମାନେ ନିର୍ଦ୍ଦୋଷରେ ଖଲାସ ହୋଇଯିବା ଫଳରେ ଅନ୍ୟ ଅପରାଧୀମାନେ ଏଭଳି ଘୃଣ୍ୟ କାର୍ଯ୍ୟ କରିବାରୁ ନିବୃତ ହେଉନାହାନ୍ତି। ଯେତେଦିନ ପର୍ଯ୍ୟନ୍ତ ବ୍ୟବସ୍ଥା ଭିତରେ ଆଇନର କଠୋରତମ ବିଚାର ଏମାନଙ୍କୁ ସଠିକ୍ ଦଣ୍ଡବିଧାନ ନ କରିଛି ସେ ପର୍ଯ୍ୟନ୍ତ ଏ ଧାରା ବଢ଼ିଚାଲିବ। ଅପରାଧୀକ ମାନସିକତା ଥିବା କିଶୋର ଓ ଯୁବକମାନଙ୍କୁ କାଉନ୍‌ସେଲିଂ ଜରିଆରେ ପରିବର୍ତ୍ତନର ମାର୍ଗ ଦେଖାଇବା ପାଇଁ ସାମାଜିକ ସଂଗଠନ ଏବଂ ବିଦ୍ୱାନ ବ୍ୟକ୍ତିମାନେ ଆଗେଇ ନଆସିଲେ ସେତେଦିନ ପର୍ଯ୍ୟନ୍ତ ଅପରାଧ ପ୍ରବଣ ମାନସିକତାରେ ପରିବର୍ତ୍ତନ ଘଟିବନାହିଁ। ପରିବର୍ତ୍ତନ, ଦଣ୍ଡବିଧାନ ଓ ଚେତନାର ବିକାଶ ନହେଲେ ନିଷ୍ଠୁର ବାସ୍ତବତାକୁ ଦୂର କରିବା କ୍ଷେତ୍ରରେ ଆମେ ସଫଳ ହୋଇପାରିବା ନାହିଁ। ଅନ୍ୟତମ କାରଣ ଭାବେ ଦେଖିଲେ ଜଣାପଡେ ଯେ, ଇଣ୍ଟରନେଟ୍‌ରେ ମାତ୍ରାଧିକ ଅଶ୍ଳୀଳ ଭିଡିଓ ଓ ଚିତ୍ର ଦେଖୁଥିବା କିଶୋର ଓ ଯୁବକମାନେ ଦୁଷ୍କର୍ମ ଭଳି ଅପରାଧ ମନସ୍କ ହୋଇଯାଉଛନ୍ତି। ସେମାନଙ୍କୁ ତାଗିଦ୍ କରିବାର ଦାୟିତ୍ୱ ପରିବାର ଲୋକଙ୍କର ରହିଥିଲେ ବି ଯେଉଁମାନେ ଏହା କରୁନାହାନ୍ତି ବା ପିଲାଙ୍କୁ ଭୟ ଦେଖାଉ ନାହାନ୍ତି ସେଭଳି ପରିବାରରେ ଜନ୍ମିତ କିଶୋର ଓ ଯୁବକମାନେ ଦୁଷ୍କର୍ମ ଘଟଣାକୁ ହାଲୁକା ଭାବେ ନେବା ସହିତ ନିଜ ଜୀବନକୁ ନର୍କଗାମୀ କରାଇ ଚାଲୁଥିବେ। ଏଣୁ ଆଇନ ବା ସରକାରଙ୍କ ଉପରେ ଦୋଷ ଲଦି ଯେତେବେଳେ ଆମେ ଚୁପ୍ ରହିବା ଏହାର ସମାଧାନ ହେବ କିପରି? ତେଣୁ ପ୍ରତ୍ୟେକ ନିଜ ନିଜ କ୍ଷେତ୍ରରେ ଓ ନିଜ ପରିବାରରେ ପିଲାମାନଙ୍କୁ ସଚେତନ କରାଇବା ସହିତ ଉତ୍ତମ ମାର୍ଗ ଦର୍ଶନ କରାଇବାର ଉତ୍ତରଦାୟିତ୍ୱ ନେବା ଉଚିତ୍। ନିଜ କର୍ତ୍ତବ୍ୟରେ ଢିଲାପଣ ରଖି ଅନ୍ୟମାନଙ୍କୁ ଦୋଷ ଦେଲେ ଏ ଜଘନ୍ୟ ଘଟଣା ପୁନରାବୃତ୍ତି ଘଟିଚାଲିବ ସିନା ପୂର୍ଣ୍ଣଚ୍ଛେଦ ପଡିପାରିବ ନାହିଁ। ଭଲ ସମାଜ ପାଇଁ ଭଲ ଶିକ୍ଷାର ଆବଶ୍ୟକ।

ସମ୍ପାଦକୀୟ
ତାରକ ମହାନ୍ତି



ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମହାମାନବଙ୍କ ଧର୍ମନିରପେକ୍ଷତା



ବିଘ୍ନେଶ୍ୱର ସାହୁ

ଆମ ଦେଶରେ ବିଭିନ୍ନ ସମୟରେ ବିଭିନ୍ନ ସ୍ତରରେ ମଝିରେ ମଝିରେ ଗୋଟିଏ ନିର୍ଦ୍ଦିଷ୍ଟ ଶବ୍ଦ ବା କୌଣସି ବ୍ୟକ୍ତିର ନାମ କିଛିଦିନ ଧରି ବାରମ୍ବାର ଶୁଣିବାକୁ ମିଳେ। ବଲିଉଡ୍ କଥା ଧରାଯାଉ। ଗୋଟେ ସମୟରେ ଲୋକେ ଖାଲି ରାଜେଶ ଖାନ୍ନା ଓ ତା'ପରେ ଅମିତାଭ ବଚ୍ଚନ ପଛରେ ଧାଇଁଲେ। ସେମିତି ସଙ୍ଗୀତ ଦୁନିଆରେ ଗୋଟେ ସମୟଥିଲା ଯେତେବେଳେ ଶଙ୍କର ଜୟକିଶନ ନଚେତ ଲକ୍ଷ୍ମୀ-ପ୍ୟାରେଙ୍କ ଗୀତ ହିଟ ହେଉଥିଲା। ରାଜନୀତି ଦୁନିଆରେ ସେହିଭଳି ଜରୁରୀକାଳୀନ ପରିସ୍ଥିତି ବେଳେ ଯେଉଁଆଡ଼େ ଗଲେ ସେଇ ଗୋଟେ ସମସ୍ତେ ଗପୁଥିଲେ- ଫାଶୀବାଦ, ଛୋଟା, ବୁଢ଼ା, କଣା, ପିଲା, ବୁଦ୍ଧିଜୀବୀ- ସମସ୍ତେ ଫାଶୀବାଦ ବିଷୟରେ, ସପକ୍ଷରେ ହେଉ ବା ବିପକ୍ଷରେ, ବକ୍ତୃତା ଦେବାରେ ବ୍ୟସ୍ତ ଥିଲେ। ତାପରେ ଆଉଗୋଟେ ଶବ୍ଦ ବହୁଦିନ ଧରି ଚାଲିଲା। ସେଇଟା ହେଉଚି ଗରିବୀ ହଟାଓ। ଏହାକୁ କେହି କେହି ବିଦ୍ରୂପ କରି ଗରିବ ହଟାଓ ବୋଲି କହୁଥିଲେ। ଏବେ କିଛିବର୍ଷ ହେଲା ଦେଶଯାକ ଗୋଟିଏ କଥାରେ କମ୍ପୁଚି। ସେଇଟା ହେଉଚି ସିକ୍ୟୁଲାରିଜମ୍ ବା ଧର୍ମନିରପେକ୍ଷତା ଏବଂ ତାର ସାଙ୍ଗକୁ ଆପେ ଆପେ ଯୋଡ଼ିହୋଇ ଯାଉଚି ସାଂପ୍ରଦାୟିକତା।

ଇଉରୋପରେ ଉନବିଂଶ ଶତାବ୍ଦୀର ମଝାମଝି ବେଳକୁ ଏଇ ଝରମଙ୍କକ୍ଷବକ୍ସ- ସମ୍ବନ୍ଧ ଶବ୍ଦଟା ଘୃଣାଭାବ ପ୍ରକାଶ କରୁଥିଲା। ଆଧୁନିକ ବିଜ୍ଞାନର ସାମାଜିକ ଜୀବନ ଉପରେ ପ୍ରଭାବ ବିସ୍ତାର ବଳରେ ଏବଂ ରାଜନୈତିକ ଚେତନାର ବିକାଶ ଯୋଗୁ ସାଧାରଣ ମଣିଷର ଜୀବନ ଉପରେ ଧର୍ମର କର୍ତ୍ତୃତ୍ୱ କ୍ଷୀପ୍ରଗତିରେ ସଙ୍କୁଚିତ ହେବାକୁ ଲାଗିଛି। ଏହି ସମୟରେ ଚର୍ଚ୍ଚରେ କାର୍ଯ୍ୟକରୁଥିବା କ୍ଲର୍ଗି ମାନଙ୍କ ଦୃଷ୍ଟିରେ ଜଣେ ଝରମଙ୍କକ୍ଷବକ୍ସ ବା ଧର୍ମନିରପେକ୍ଷ ବ୍ୟକ୍ତି "ଅଜ୍ଞ" ବା "ମୂର୍ଖ" ସଂଗେ ସମାନ ବୋଲି ବିଚାର କରାଯାଉ ଥିଲା। କାରଣ, ଏହି ଶବ୍ଦଟି ସେହି ସମୟରେ ଏକ ସୀମିତ ଅର୍ଥରେ ଏବଂ ଧର୍ମ ବ୍ୟାପାରରେ ହିଁ ବ୍ୟବହୃତ ହେଉଥିଲା। Secular Clergy (ଅର୍ଥାତ୍ ଯେଉଁ କ୍ଲର୍ଗି ଚର୍ଚ୍ଚ ସହିତ ସମ୍ପୃକ୍ତ ରହୁନଥିଲେ) ଶବ୍ଦଟି ଉଦାହରଣ ପାଇଁ କୁହାଗଲା। ରାଜନୀତି ପରିଭାଷାରେ ଏହି ଶବ୍ଦର ପ୍ରଚଳନ ଉନବିଂଶ ଶତାବ୍ଦୀରେ ଚାର୍ଲସ ବ୍ରେଡ଼ଲାଓ ଓ ହୋଲିଓକଙ୍କ ପ୍ରଚେଷ୍ଟାରେ ହୋଇଥିଲା । ତେବେ ସଂପୂର୍ଣ୍ଣରୂପେ ଗ୍ରହଣୀୟ ହେବାକୁ ସମୟ ଲାଗିଥିଲା। ବିଶ୍ୱରେ ଗୋଟାକ ପରେ ଗୋଟାଏ ଗଣତାନ୍ତ୍ରିକ ରାଷ୍ଟ୍ର ଜନ୍ମନେବା ସହିତ ଶବ୍ଦଟିର ରାଜନୈତିକ ଅର୍ଥରେ ବ୍ୟବହାର ବଢ଼ିଗଲା।

ଭାରତୀୟ ସମ୍ବିଧାନର ଢ଼ାଞ୍ଚା ସମ୍ବନ୍ଧରେ ଗଠିତ ମୋତିଲାଲ୍ ନେହେରୁ କମିଟି ୧୯୨୮ ମସିହାରେ ଦେଇଥିବା ରିପୋର୍ଟରେ ଏହି ଶବ୍ଦଟି ଆଦୌ ବ୍ୟବହାର ହେଇନଥିଲେ ମଧ୍ୟ ଏହାର ମୂଳ ଚିନ୍ତାଧାରା ଧର୍ମନିପେକ୍ଷ ଥିଲା । ସେହିଭଳି ଏକ ଧର୍ମନିରପେକ୍ଷ ସରକାର ଗଠନ ସପକ୍ଷରେ ୧୯୩୧ ମସିହାରେ କରାଚୀ ପ୍ରସ୍ତାବରେ ଉଲ୍ଲେଖ ଅଛି । ଏହି ପ୍ରସ୍ତାବରେ 'ଧର୍ମନିରପେକ୍ଷ' ଶବ୍ଦଟି ବ୍ୟବହାର ନ ହୋଇଥିଲେ ମଧ୍ୟ ଏହି ଚିନ୍ତାଧାର ସେଥିରେ ପ୍ରତିଫଳିତ ହୋଇଛି । ଏହି ପ୍ରସ୍ତାବ ଗୃହୀତ କରାଇବାରେ ମହାତ୍ମା ଗାନ୍ଧି, ନେହେରୁ ଓ ମୌଲାନା ଆବୁଲ କଲାମ ଆଜାଦଙ୍କ ଭୂମିକା ଗୁରୁତ୍ୱ ବହନ କରେ।

୧୯୩୩ ମସିହାରେ ଗାନ୍ଧିଜୀଙ୍କର ଭାଷଣ ଓ ଲେଖା ମାନଙ୍କରେ ଏହି ଶବ୍ଦଟି ବାରମ୍ବାର ବ୍ୟବହୃତ ହୋଇଥିବା ଦେଖାଯାଏ । କେନ୍ଦ୍ର ସଂସଦରେ ସେତେବେଳେ ୨ଟି ଚିଠାବିଲ୍ ଅଲୋଚନା ପାଇଁ ଥାଏ । ସେଥିରୁ ଗୋଟିଏ ବିଲ୍ ଅସ୍ପୃଶ୍ୟତା ସମ୍ବନ୍ଧୀୟ ଥିଲା । ଆମ ସମାଜରେ ଏ ସମ୍ବନ୍ଧୀୟ ପ୍ରଚଳିତ ବ୍ୟବସ୍ଥା ମାନବିକତା ଓ ନୈତିକତା ବିରୋଧୀ ଥିବାରୁ ଏବଂ ଏହି ବିଲ୍‌ଦ୍ୱାରା ତାହାର ଉଚ୍ଛେଦ ହେବା ସମ୍ଭବ ହେବବୋଲି ଗାନ୍ଧିଜୀ ଏହି ବିଲ୍‌ଟିକୁ ସମର୍ଥନ କରୁଥିଲେ । ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ଅସ୍ପୃଶ୍ୟ ବିଚାରର ପରମ୍ପରା କେବେ ବିଧିସମ୍ମତ ହେବା ଉଚିତ୍ ନୁହେଁ ବୋଲି ସେ କହିଥିଲେ । ଏହି ବିଲ୍‌ଟି ଅନୁଚିତ ଭାବରେ ଧର୍ମରେ ହସ୍ତକ୍ଷେପ କରୁଛି ବୋଲି ହେଉଥିବା ସମାଲୋଚନାର ଉତ୍ତରରେ ଗାନ୍ଧିଜୀ ବିଲ୍ ସପକ୍ଷରେ ଯୁକ୍ତି ଦର୍ଶାଇ କହିଥିଲେ, ଅନେକ ସମୟରେ ଆବଶ୍ୟକତା ଦୃଷ୍ଟିରୁ ସରକାର ଧର୍ମରେ ମଧ୍ୟ ହସ୍ତକ୍ଷେପ କରିପାରିବେ । କେବଳ ଅନୁଚିତ ହସ୍ତକ୍ଷେପକୁ ଏଡ଼ାଇଯିବା ଠିକ୍ ହେବ ବୋଲି ସେ କହିଥିଲେ। ୧୯୩୫ ମସିହା ଜାନୁଆରୀ ୨୭ ତାରିଖ ଦିନ ଗାନ୍ଧିଜୀ କେନ୍ଦ୍ର ସଂସଦର କେତେକ ସଭ୍ୟଙ୍କୁ ବକ୍ତବ୍ୟ ଛଳରେ କହିଥିଲେ ଯେ, ଅସ୍ପୃଶ୍ୟତା ନିବାରଣ ବିରୁଦ୍ଧରେ ଯଦି ସମଗ୍ର ହିନ୍ଦୁସମାଜ ମତ ଦିଏ, ତଥାପି ସେ ଗୋଟିଏ ଧର୍ମନିରପେକ୍ଷ ସଂସଦ ଗଠନ ସପକ୍ଷରେ ମତଦେବେ ଏବଂ ଏଭଳି ମନୋବୃତ୍ତିକୁ ବରଦାସ୍ତ ନକରିବାକୁ ସଂସଦକୁ ପରାମର୍ଶ ଦେବେ।

ପାକିସ୍ତାନ ଗଠନ ସମ୍ପର୍କରେ ଆଲୋଚନା ସମୟରେ ୧୯୪୨ ମସିହା ଜାନୁଆରୀ ୨୦ ତାରିଖଦିନ ଗାନ୍ଧିଜୀ ଏକ ପ୍ରଶ୍ନ ପଚାରିଥିଲେ, "ରାଜସ୍ୱ, ସ୍ୱାସ୍ଥ୍ୟକର ପରିବେଶ, ପୁଲିସ, ନ୍ୟାୟାଳୟ ଓ ନ୍ୟାୟପାଳିକା ବା ସରକାରୀ ଯାନବାହନ ବ୍ୟବହାର- ଏସବୁ ବିଷୟରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସ୍ୱାର୍ଥର ପରମ୍ପରା, ପର୍ବପର୍ବାଣି ପାଳନ ବା ଅନ୍ୟାନ୍ୟ ଲୋକାଚାରରେ ସୀମିତ ରହିବ । ଯାହା ସହିତ ଧର୍ମନିରପେକ୍ଷ ସରକାର ଓ ରାଷ୍ଟ୍ରର କିଛି ନେବାଦେବା ନାହିଁ । ରାଷ୍ଟ୍ର ଓ ରାଷ୍ଟ୍ରନୀତି ସନ୍ଦର୍ଭରେ ଗାନ୍ଧିଜୀ 'ସିକ୍ୟୁଲାର୍' ଶବ୍ଦଟି ବହୁବାର ବ୍ୟବହାର କରିଛନ୍ତି । ଗାନ୍ଧିଜୀ ଯେଉଁ ଅର୍ଥରେ ଏହି ଶବ୍ଦଟି ବ୍ୟବହାର କରିଛନ୍ତି, ଆଧୁନିକ ରାଜନୈତିକ ପରିଭାଷାରେ ତାହା ନେହେରୁଙ୍କ ଦ୍ୱାରା କରାଇଥିବା ଅର୍ଥ ସହିତ ବେଶୀ ମେଳଖାଏ । ଦେଶ ସ୍ୱାଧୀନ ହେବା ସମୟରେ ଏବଂ ତାପରେ ସମ୍ବିଧାନ ରଚନା ସମୟରେ ଏହି ସାଦୃଶ୍ୟଟି ବହୁବାର ଦେଖିବାକୁ ମିଳେ ।

ସ୍ୱାଧୀନତାର ଠିକ୍ ଅବ୍ୟବହିତ ପୂର୍ବରୁ ୧୯୪୬ ମସିହା ସେପ୍ଟେମ୍ବର ମାସରେ ଜଣ ଖ୍ରୀଷ୍ଟିଆନ୍ ଧର୍ମଯାଜକଙ୍କୁ ଗାନ୍ଧି କହିଲେ, "ମୁ ଯଦି ଏକଚ୍ଛତ୍ରବାଦୀ ଶାସକ ହୋଇଥାନ୍ତି, ତାହେଲେ, ମୋ ଅଧୀନ ରାଜ୍ୟରେ ରାଷ୍ଟ୍ର ଓ ଧର୍ମକୁ ମୁଁ ପୃଥକ କରି ଦିଅନ୍ତି । ମୁଁ ଧର୍ମୀୟ ବା ବିଧର୍ମୀ ନୁହେଁ । ମୁଁ ମୋ ଧର୍ମକୁ ମାନି, ଧର୍ମ ପ୍ରଦର୍ଶିତ ପଥକୁ ଅନୁସରଣ କରିବି ଏବଂ ନିଜକୁ ଜଳାଞ୍ଜଳି ଦେବି । କିନ୍ତୁ ଏଇଟା ମୋର ନିଜସ୍ୱ ଏବଂ ନିଜର ବ୍ୟକ୍ତିଗତ ବ୍ୟାପାର । ରାଷ୍ଟ୍ରର ଏହା ସହିତ କିଛି ବି ସମ୍ପର୍କ ନାହିଁ । ରାଷ୍ଟ୍ର ମୋର ମଙ୍ଗଳ (ଧର୍ମନିରପେକ୍ଷ) ପାଇଁ ଯତ୍ନ ନେବ, ମୋର ସ୍ୱାସ୍ଥ୍ୟ, ଯାତାୟାତ ସୁବିଧା ଇତ୍ୟାଦି ପ୍ରତି ଧ୍ୟାନ ଦେବ ଏବଂ ଦେଶର ମୁଦ୍ରାବ୍ୟବସ୍ଥା, ନିରାପତ୍ତା ଓ ଅନ୍ୟଦେଶମାନଙ୍କ ସହ ସମ୍ପର୍କ ବିଷୟରେ ନିୟନ୍ତ୍ରଣ ରଖିବ । କିନ୍ତୁ ମୋର ଧର୍ମ ବ୍ୟାପାରରେ ନୁହେଁ । ଧର୍ମ ବିଷୟଟା ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ଏବଂ ଏକାନ୍ତ ଭାବେ ବ୍ୟକ୍ତିଗତ ମାମଲା ।"

ଦେଶ ସ୍ୱାଧୀନ ହେବା ପରଦିନ ଅର୍ଥାତ୍ ୧୬।୮।୧୯୪୭ ତାରିଖରେ କଲିକତାର ସ୍କଟିସ୍ ଚାର୍ଟ କଲେଜର ରେଭରେଣ୍ଡ କେଲାସଙ୍କ ସହିତ ଗାନ୍ଧିଜୀଙ୍କର ହୋଇଥିବା ବାର୍ତ୍ତାଳାପ 'ହରିଜନ' ପତ୍ରିକାର ୨୪ ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ଏଥିରେ ଲେଖାଅଛି, "ଗାନ୍ଧିଜୀଙ୍କ ମତାନୁସାରେ ରାଷ୍ଟ୍ର ନିଃସନ୍ଦେହ ଭାବରେ ଧର୍ମନିରପେକ୍ଷ ରହିବା ଉଚିତ୍ । ଜନସାଧାରଣଙ୍କ ଅର୍ଥରେ କୌଣସି ନିର୍ଦ୍ଦିଷ୍ଟ ଧାର୍ମିକ ମୂଲ୍ୟବୋଧଭିତ୍ତିକ ଶିକ୍ଷାଦାନକୁ ପ୍ରୋତ୍ସାହନ ଦେବା ଆଦୌ ଉଚିତ୍ ନୁହେଁ । ଦେଶର ପ୍ରତ୍ୟେକ ବ୍ୟକ୍ତି ନିଜର ଧର୍ମପାଳନର ଅଧିକାର ଏକ ମୌଳିକ ଅଧିକାର ଏବଂ ଏଥିପାଇଁ କୌଣସି ବାଧା ବା ପ୍ରତିବନ୍ଧକ ରହିବା ଠିକ୍ ନୁହେଁ। **(କ୍ରମଶଃ)**

# ଆତ୍ମହତ୍ୟାରେ ଭାରତର ରେକର୍ଡ଼




ଡାକ୍ତର ସମ୍ରାଟ କର

ଚଳିତ ସପ୍ତାହର ଏକ ଅଭାବନୀୟ ବଡ଼ ଖବର ହେଉଛି ଭୁବନେଶ୍ୱର ବାଣିବିହାର ପରିସରସ୍ଥିତ ସୁଉଚ୍ଚ ପାଣି ଟାଙ୍କି ଉପରେ ଜଣେ ଉଦ୍‌ଭ୍ରାନ୍ତ ଓ ମାନସିକ ଭାବେ ରୁଗ୍‌ଣ ଯୁବକର ଆତ୍ମହତ୍ୟା ଉଦ୍ୟମ। ଏହି ସମୟରେ ମନେପଡୁଛି ଭାରତରେ ଇତିହାସ ସୃଷ୍ଟି କରିଥିବା ସ୍ମରଣୀୟ 'ସୋଲେ' ଚଳଚ୍ଚିତ୍ରର ବିରୁ ଭୂମିକାରେ ଅଭିନୟ କରିଥିବା ଧର୍ମେନ୍ଦ୍ରଙ୍କର ସେହିପରି ଏକ ପାଣି ଟାଙ୍କି ଉପରେ ନିଜ ବିବାହ ପାଇଁ ଜିଦ୍ କରି ଆତ୍ମହତ୍ୟା ଉଦ୍ୟମର ରଙ୍ଗଢ଼ଙ୍ଗ। ଯଦିଓ ତାଙ୍କ ନାୟିକା 'ବାସନ୍ତୀ' ପରିଶେଷରେ ବିରୁର ବିବାହ ପ୍ରସ୍ତାବକୁ ରାଜି ହୋଇଥିଲେ। ତେବେ ଆଜି ସମୟରେ ଏହି ଉଦ୍‌ଭ୍ରାନ୍ତ ଯୁବକର କାରନାମାର ଘଟଣା ପଛର କାହାଣୀ ହୁଏତ ଆଉ କିଛି ହୋଇପାରେ କିନ୍ତୁ ଏହା ନିଃସନ୍ଦେହ ବର୍ତ୍ତମାନର ସମାଜରେ ଏପରି ଅନେକ ମାନସିକ ବିକୃତ ଯୁବକ/ଯୁବତୀ ରହିଛନ୍ତି। ପୃଥିବୀର ଯେକୌଣସି ଅନ୍ୟ ଦେଶ ଅପେକ୍ଷା ଭାରତରେ ଅଧିକ ଆତ୍ମହତ୍ୟା ହେଉଛି। ଉଦ୍‌ବେଗର ବିଷୟ ଯେ ଗତ କିଛିବର୍ଷ ଭିତରେ ଏହାର ହାର ବଢ଼ି ଚାଲିଛି। ଏହାର ସଂଖ୍ୟା ଉଭୟ ପୂର୍ଣ୍ଣ ତଥା ଆପେକ୍ଷିକ ଦୃଷ୍ଟିକୋଣରୁ ଅଧିକ। ଲାନସେଟିଂ ପତ୍ରିକାରେ ପ୍ରକାଶିତ ଏକ ଅନୁଧ୍ୟାନ ଅନୁସାରେ ଭାରତରେ ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଲୋକ ରହୁଥିବା ବେଳେ ପୃଥବୀରେ ମହିଳା ଆତ୍ମହତ୍ୟାର ୩୭ ପ୍ରତିଶତ ଓ ପୁରୁଷ ମାନଙ୍କ ମଧ୍ୟରେ ହେଉଥିବା ଆତ୍ମହତ୍ୟାର ୨୪ ପ୍ରତିଶତ ଏ ଦେଶରେ ଘଟୁଛି। ଅର୍ଥାତ୍ ପୃଥିବୀରେ ଆତ୍ମହତ୍ୟା କରୁଥିବା ପ୍ରତି ୩ଜଣ ମହିଳାଙ୍କ ମଧ୍ୟରୁ ଜଣେ ଓ ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ହେଲେ ଭାରତୀୟ। ଏହି ଅନୁଧ୍ୟାନରେ ଭାରତ ସରକାର ଓ ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ତଥା ଚିକିତ୍ସା ଅନୁଷ୍ଠାନଗୁଡ଼ିକ ସାମିଲ ଥିଲେ। ଏ ଦୃଷ୍ଟିରୁ ପ୍ରକାଶିତ ତଥ୍ୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଫଳାଫଳରୁ ଦେଖାଯାଉଛି ଯେ ପୁରୁଷଙ୍କ ଆତ୍ମହତ୍ୟା ହାର ଉଚ୍ଚ ଥିବାବେଳେ ତାହାଠାରୁ ଅଧିକ ହେଲା ମହିଳା ଆତ୍ମହତ୍ୟା ହାର।

ଆତ୍ମହତ୍ୟା ଏକ ମନସ୍ତାତ୍ତ୍ୱିକ ତଥା ସମାଜ ବିଜ୍ଞାନ ସମ୍ପର୍କିତ ପ୍ରସଙ୍ଗ। ଏହା ଏକ ସ୍ୱାସ୍ଥ୍ୟଗତ ଚ୍ୟାଲେଞ୍ଜ। ଏହି ସମସ୍ୟାରେ ଲିଙ୍ଗଗତ ତାରତମ୍ୟକୁ ଦେଖିଲେ ଜଣାପଡୁଛି ଯେ ଭାରତୀୟ ମହିଳାଙ୍କ ମଧ୍ୟରେ ନିଜ ଜୀବନ ନେବାର ବିପଜ୍ଜନକ ଆକର୍ଷଣ ଅଧିକ। ଏହା ହୁଏତ ଲିଙ୍ଗଗତ ନ୍ୟୁନସ୍ଥିତ ଓ ମହିଳା ବିରୋଧୀ ପାତରଅନ୍ତର ସମସ୍ୟା ଯୋଗୁଁ ଉପୁଜୁଥାଇପାରେ। ବିକୃତିଯୁକ୍ତ ନିର୍ଯାତନା, ଘରୋଇ ହିଂସା, ଅର୍ଥନୈତିକ ସୁଯୋଗ ଓ ସ୍ୱାଧୀନତାର ଅଭାବ, ଚିକିତ୍ସା ସୁବିଧା ନମିଳିବା ବିଶେଷ ଭାବରେ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଚିକିତ୍ସା ଓ ପରାମର୍ଶର ଅଭାବ ଆଦି କାରଣ ମହିଳାଙ୍କ ପାଇଁ ଜୀବନକୁ ଅଧିକ ଦୁର୍ବିସହ କରୁଥାଇପାରେ। ଏପରିକି ମହିଳାଙ୍କର ଶିକ୍ଷା ଓ ଅର୍ଥନୈତିକ ସ୍ୱାଧୀନତାରେ ପ୍ରଗତି ସତ୍ତ୍ୱେ ସାମାଜିକ ଓ ପାରିବାରିକ ପକ୍ଷପାତିତା ତଥା ଅତ୍ୟାଚାର ଅବ୍ୟାହତ ରହୁଛି। ଏଣୁ ମହିଳାଙ୍କ ପାଇଁ ସବୁଶ୍ରେଣୀରେ ଜୀବନର ସ୍ଥିତି ଅସମାନ। ବିବାହିତା ମହିଳାଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବେଶୀ। କାରଣ ସେମାନେ ବୈବାହିକ ଜୀବନରେ ବେଶୀ ଅଶାନ୍ତି ଭୋଗୁଛନ୍ତି। ପୁରୁଷଙ୍କ ଅପେକ୍ଷା ସେମାନଙ୍କ ଲାଗି ବେଶୀ ପାରିବାରିକ ସମସ୍ୟା ରହୁଛି। ଦେଶରେ ୧୫ରୁ ୩୯ ବର୍ଷର ମହିଳାଙ୍କ ମଧ୍ୟରେ ଆତ୍ମହତ୍ୟା ଅଧିକ ସାଧାରଣ। ଅନ୍ୟ ବୟସ ଶ୍ରେଣୀ ଅପେକ୍ଷା ବିବାହିତ ଯୁବତୀଙ୍କ ମଧ୍ୟରେ ଆତ୍ମହତ୍ୟା ହାର ଅଧିକ। ବିଶ୍ୱରେ ୧୯୯୦ ଦଶକରେ ଯେତିକି ଆତ୍ମହତ୍ୟା ହେଉଥିଲା ସେଥିରେ ମହିଳାଙ୍କ ଅଂଶ ୨୫.୩ ପ୍ରତିଶତ ଥିଲା। ୨୦୧୬ରେ ତାହା ୩୬.୬ ପ୍ରତିଶତକୁ ବୃଦ୍ଧି ପାଇଛି। ତାର ଅର୍ଥ ସମଗ୍ର ପୃଥିବୀରେ ମହିଳା ଆତ୍ମହତ୍ୟା ବଢୁଛି। ଏହାର ଅନ୍ୟ ଏକ ଅର୍ଥ ଦେଖିବାକୁ ଗଲେ ଏହି ସମୟ ଭିତରେ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହୋଇଥିବା ସତ୍ତ୍ୱେ ମହିଳାଙ୍କ ଦୁଃଖ ଓ ମୃତ୍ୟୁ ମଧ୍ୟ ବେଶୀ ହୋଇଛି। କୁହାଯାଇପାରେ ଯେ ଆର୍ଥିକ ପ୍ରଗତି ଯୋଗୁଁ ମହିଳାଙ୍କ ଉପରେ ଚାପ ବଢ଼ିଛି। ଏହି ସମୟ ଭିତରେ ପୁରୁଷ ପ୍ରଧାନ ଦୃଷ୍ଟିଭଙ୍ଗୀ କଠୋର ହେବା ସାଙ୍ଗକୁ ମହିଳାଙ୍କ ପ୍ରତି ନିର୍ଯାତନା ଅଧିକ ହୋଇଛି କି? ୨୦୧୭ରେ ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି ଯେ ଭାରତରେ କର୍ମଜୀବୀ ଶ୍ରେଣୀରେ ମହିଳାଙ୍କ ସମ୍ପୃକ୍ତି ଗତ କିଛି ବର୍ଷ ଭିତରେ କମି ଆସିଛି। ବିଶ୍ୱସ୍ତରରେ ଏ କ୍ଷେତ୍ରରେ ଯେଉଁ ୧୩୧ଟି ଦେଶକୁ ନେଇ ସୂଚୀ ପ୍ରସ୍ତୁତ କରାଯାଇଛି ସେଥିରେ ଭାରତର ସ୍ଥାନ ୧୨୦। ତାର ଅର୍ଥ ଭାରତରେ ମହିଳାଙ୍କ ପାଇଁ ଆର୍ଥିକ ସୁଯୋଗ ନିଯୁକ୍ତି ଆକାରରେ ସଂକୁଚିତ ହୋଇଯାଇଛି। ଯେତିକି ନିଯୁକ୍ତି ସୃଷ୍ଟି ହେଉଛି ତାର ବିଶେଷ ଭାଗ ପୁରୁଷଙ୍କ ପାଖକୁ ଯାଉଛି। ପରିବାର ବା ସମାଜର ସମର୍ଥନ ଥିବା ପାରମ୍ପରିକ ଢ଼ାଞ୍ଚା ମଧ୍ୟ ଅର୍ଥନୈତିକ ପ୍ରଗତିର ଧାରାରେ ଦୁର୍ବଳ ହୋଇଗଲାଣି। ତାହା ମହିଳାଙ୍କ ପାଇଁ ବେଶୀ କ୍ଷତିକାରକ। ଆଗରୁ ମହିଳାମାନେ ଘରୁ ଆପାତତଃ ସୁରକ୍ଷା ପାଉଥିଲେ। ସମୟ ବଦଳୁଥିଲେ ବି ସେମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେଇ ସେମାନଙ୍କ ପାଇଁ ଅର୍ଥନୈତିକ ସ୍ୱାଧୀନତାର ବ୍ୟବସ୍ଥା କରିବା ସହ ପରିବାର ବି ମହିଳାଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ଲୋଡ଼ା। ମହିଳା ଦୁର୍ବଳ ହୋଇଗଲେ ପରିବାର ତଥା ସମାଜର ସ୍ଥିତି ଖରାପ ହୋଇଯିବ।

*ମାନସିକ ରୋଗ ବିଶେଷଜ୍ଞ,*
*ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ*
*ଦୂରଭାଷ : ୯୧୩୨୪୩୩୩୩୩*

## ସ୍ୱାଧ୍ୟାୟ



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

ସାଧାରଣ ଅର୍ଥରେ ସ୍ୱାଧ୍ୟାୟ କହିଲେ ଆମେ ନିଜର ଅଧ୍ୟୟନକୁ ମାନିବା। ଆଶ୍ରମ ଅଥବା ଧାର୍ମିକ ସ୍ଥଳରେ ହେଉଥିବା ଶାସ୍ତ୍ରପାଠ, ତାହାର ବାଖ୍ୟା, ବିବେଚନା ଇତ୍ୟାଦିକୁ ଆମେ ସ୍ୱାଧ୍ୟାୟ ବୋଲି ମଧ୍ୟ କହିଥାଏ। ଆଧ୍ୟାତ୍ମ ମାର୍ଗରେ ସ୍ୱାଧ୍ୟାୟ ଏବଂ ସତ୍‌ସଙ୍ଗର ବହୁ ମହତ୍ୱ ରହିଛି। ଶ୍ରୀରାମଚରିତ ମାନସ, ଶ୍ରୀମଦ ଭଗବତ ଗୀତା ଇତ୍ୟାଦି ପଢ଼ିବା ଦ୍ୱାରା ଆମର ମନରେ ଶ୍ରୀରାମଚନ୍ଦ୍ରଙ୍କର ଚିତ୍ର, ଚରିତ୍ର ତଥା ଶ୍ରୀକୃଷ୍ଣଙ୍କର ଚିତ୍ର, ଚରିତ୍ର ମାନସ ପଟଳରେ ଆଙ୍କିହୋଇ ଯାଇଥାଏ। ଯଦି ଆମେ ଈଶ୍ୱରଙ୍କୁ ଧ୍ୟାନ କରିବାକୁ ଚାହିଁବା ତେବେ ଈଶ୍ୱରଙ୍କୁ ତ ଆମେ ଦେଖିନାହେଁ ତେବେ ଧ୍ୟାନ କାହାର କରିବା? ଯେତେବେଳେ ଆମେ ସେଓ ଖାଇଥାଏ ଓ ତା'ର ମିଠା ସ୍ୱାଦକୁ ଅନୁଭବ କରିଥାଏ ତେବେ କେହି ଯଦି ସେଓର ନାମ ଉଚ୍ଚାରଣ କରେ ତ ମନରେ ସେଓର ସ୍ୱାଦ, ସୁଗନ୍ଧ ଆକାରର ବିଚାର ଆସି ଯାଇଥାଏ। ତେଣୁ ସ୍ୱାଧ୍ୟାୟ କରିବା ଦ୍ୱାରା ସେହି ଚରିତ୍ର ଆମ ମନରେ ଆଙ୍କି ହୋଇ ରହିଯାଇଥାଏ। ଯଦି କେହି ବାଳକ ରାତିରେ ଭୂତର କାହାଣୀ ଶୋଇବା ପୂର୍ବରୁ ପଢ଼ି ଶୋଇଥାଏ, ତେବେ ନିଦ୍ରା ଅବସ୍ଥାରେ ତା'ର ଗୋଡ ରେଜାଇରେ ଫସିଗଲେ ସେ ଭୂତ ଭାବି ଚିତ୍କାର କରେ। ତେବେ ଶିଷ୍ଟପଠନ, ସତ୍‌ପଠନର ନିଶ୍ଚୟ ଆବଶ୍ୟକତା ଅଛି ବୋଲି ମାନିବାକୁ ହେବ। ବିଶେଷତଃ ଯେଉଁମାନେ ଈଶ୍ୱରାନୁଗାମୀ ହେବାକୁ ଚାହାନ୍ତି ତଥା ନିଜର ସାଧନା ପଥକୁ ସୁଦୃଢ଼ କରିବାକୁ ଚାହାନ୍ତି ସେମାନଙ୍କ ପାଇଁ ବିବେକ ବୈରାଗ୍ୟ ଷଟ୍ ସମ୍ପତ୍ତି ତଥା ସୁମୁକ୍ଷୁତ୍ୱ ସାଧନ ଚତୁଷ୍ଟୟରେ ସହାୟକ ଗ୍ରନ୍ଥ ଯଥା ପ୍ରସ୍ଥାନତ୍ରୟୀ, ଶ୍ରୀମଦ୍ ଭଗବତଗୀତା, ଉପନିଷଦ, ବ୍ରହ୍ମସୂତ୍ର, ପଞ୍ଚଦଶୀ, ଲଘୁ ବାସୁଦେବ ମନନ, ବିବେକ ଚୂଡାମଣି ଆଦି ସ୍ୱାଧ୍ୟାୟ କରିବା ନିତ୍ୟାନ୍ତ ଆବଶ୍ୟକ।

ଥରେ ପୂଜ୍ୟା ଶ୍ର ଆନନ୍ଦମୟୀ ମା' ନରେନ୍ଦ୍ର ନଗରରେ ଏକାନ୍ତ ବାସରେ ଥାନ୍ତି। ବିଗ୍ରେଡିୟର ଶ୍ରୀ ଲକ୍ଷ୍ମୀ-ନାରାୟଣ ସଭରୱାଲ ମା'ଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି। ମା'ଙ୍କୁ ଦର୍ଶନ କରି କହିଲେ, 'ମୋର ବଦଳି ଆସାମର ଟେଙ୍ଗିବେଲିକୁ ହୋଇଯାଇଛି। ଯେତେବେଳେ ମୁଁ ଏକ ଫୌଜି ତେବେ କୌଣସି ସ୍ଥାନକୁ ଯିବାର ମୋର ଆପତ୍ତି ନାହିଁ ମାତ୍ର ଏଠାରେ ଯେଉଁ ଆପଣଙ୍କର, ଶିବାନନ୍ଦ ଆଶ୍ରମର ସନ୍ଥଙ୍କ ଦର୍ଶନ ଓ ସତ୍‌ସଙ୍ଗ ହୋଇପାରୁଥିଲା ତାହା ଅସମ୍ଭବ ହେବା ମୋତେ ବହୁ ଦୁଃଖ ଦେଉଛି। ମା' ଉତ୍ତର ଦେଲେ, 'ସକାଳୁ ଉଠି ଗୁରୁଦେବଙ୍କ ସାହିତ୍ୟ ପଠନ ଏବଂ ଶୋଇବା ପୂର୍ବରୁ ଗୁରୁଦେବଙ୍କ ଉପଦେଶ ଗ୍ରନ୍ଥର ସ୍ୱାଧ୍ୟାୟ କରିବା ତୁମ ପାଇଁ ସନ୍ଥଙ୍କ ଦର୍ଶନ ଓ ସତ୍‌ସଙ୍ଗ ହୋଇପାରିବ। ସନ୍ଥ, ମହାତ୍ମା ଯେଉଁ ପୁସ୍ତକ ରଚନା କରିଥାନ୍ତି ତାହା ଜ୍ଞାନର ପ୍ରଦର୍ଶନ ପାଇଁ ନୁହେଁ। ଯେଉଁ ଜ୍ଞାନ ସେମାନଙ୍କୁ ପ୍ରାପ୍ତି ହୋଇଥାଏ ତାହାକୁ ମୁମୁକ୍ଷୁ ମାନଙ୍କୁ ପ୍ରେରଣା ଓ ଲାଭ ପାଇଁ ହିଁ ଉପଯୋଗୀ ହୋଇଥାଏ। ଆମେ ଯେଉଁ ଗ୍ରନ୍ଥର ସ୍ୱାଧ୍ୟାୟ କରିଥାଏ ସେହି ଗ୍ରନ୍ଥର ରଚୟିତାଙ୍କ ସହିତ ସତ୍‌ସଙ୍ଗ କରୁଛେ ବୋଲି ଅନୁଭବ କରିବାକୁ ହିଁ ପୁସ୍ତକ ରଚନା ହୋଇଥାଏ। ସାଧ୍ୟାୟ ଦ୍ୱାରା ମନକୁ ଏକାଗ୍ର କରିବା ସହଜ ହୋଇଥାଏ। ମାନବ ଜୀବନର ନିର୍ମାଣ କେବଳ ବ୍ୟକ୍ତି ମାତ୍ରର ନିର୍ମାଣ ନୁହେଁ, ମାନବିକତାକୁ ପ୍ରାପ୍ତ କରିବା ମନୁଷ୍ୟ ଜୀବନର ଲକ୍ଷ୍ୟ ରହିବା ଉଚିତ୍। ସେଥିପାଇଁ ସ୍ୱାଧ୍ୟାୟର ଆବଶ୍ୟକତା ଜରୁରୀ ବୋଲି ଭାବିବାକୁ ହେବ।


ଗୁରୁଦେବ ଶ୍ରୀ ସ୍ୱାମୀ ଶିବାନନ୍ଦଜୀ ମହାରାଜାଙ୍କର ସାହିତ୍ୟରେ କୋଡିଏଟି ଆଧ୍ୟାତ୍ମିକ ନିୟମ, ସାଧନାତତ୍ତ୍ୱ, ବିଶ୍ୱପ୍ରାର୍ଥନା ଇତ୍ୟାଦି ସ୍ୱାଧ୍ୟାୟ ନିମନ୍ତେ ରହିଛି। ଏହାଛଡା କେତେ ଗୁଡିଏ ରତ୍ନସମାନ ବାକ୍ୟ ସ୍ୱାଧ୍ୟାୟ ଯୋଗ୍ୟ ଅଟେ ତାହା ନିମ୍ନରେ ଦିଆଯାଇଛି। (୧) ବସ୍ତୁର ଉପଯୋଗ ନିଜର ଆବଶ୍ୟକତା ଅନୁସାରେ କରିବା। (୨) ପ୍ରତ୍ୟେକ ପରିସ୍ଥିତିର ଅନୁକୂଳ ଚିନ୍ତା କରିବା। (୩) କୌଣସି ବ୍ୟକ୍ତି କିମ୍ବା ବସ୍ତୁ ପ୍ରତି ଘନିଷ୍ଟ ନହେବା। (୪) ସେବା କରିବା ପାଇଁ ସର୍ବଦୈବ ତତ୍ପର ରହିବା। (୫) ତାଦାତ୍ମ ଭାବ ରଖି ସେବା କରିବା। (୬) ଅକର୍ତ୍ତାର ଭାବ ମନରେ ରଖି କର୍ମ କରିବା। (୭) କମ କହିବା, ସତ୍ୟ କହିବା, କଟୁ କଥା କହି କାହାକୁ କଷ୍ଟ ନଦେବା।

*(କ୍ରମଶଃ)*

# ସମୟର ଖେଳ



ଲୋପାମୁଦ୍ରା ନାୟକ



ରାତିର ଦିପ୍ରହର। କୋଳାହଳ ରାସ୍ତା ଗୁଡିକ ଏବେ ଜନଶୂନ୍ୟ। କାଁ ଭାଁ କେଉଁଠି କେଉଁଠି ଇମୋରଜିନ୍ସ ନହେଲେ ଗାଡିମଟର ସାଉଣ୍ଡ ବି ଶୁଭୁନଥାଏ। ଶୀତଦିନ ଗାଁ'ର ପରିବେଶ ଯେହେତୁ ତୁହାକୁ ତୁହା ବାଡି ପଛପଟୁ ବିଲୁଆଙ୍କ ହୁକେ ହୁଁ.... ହୁଁକେ ହୁଁ ସ୍ୱରରେ ଘରର କିଛି ଲୋକ କଡ ଲେଉଟାଉଥାନ୍ତି ଏବଂ ପୁଣି କମ୍ବଳ ଭିତରେ ଉଷ୍ମତାକୁ ଅନୁଭବ କରି ଶୋଇ ଯାଉଥାନ୍ତି। ଘରର ସବୁତକ ଲାଇଟ୍ ଅଫ୍ କିନ୍ତୁ ସୀମା ତା'ବେଡ ରୁମ୍ ଲାଇଟାକୁ ସ୍ୱିଟ୍ ହେବା ପରଠାରୁ ଆଉ ବନ୍ଦ କରୁନଥାଏ। ସ୍ୱିଟି ସୀମା ଓ ତପନର ଝିଅ। ବୟସ ଏଇ ୭ରୁ ୮ମାସ ହେବ। ଖୁବ୍ ଗୁଲୁରୁଗାଲୁରଟାଏ ତା' ଜନ୍ମ ବେଳକୁ ସୀମା ମରୁମରୁ ଅଳ୍ପକେ ବଞ୍ଚିଯାଇଛି। ଛୁଆଟା ୪କିଲୋ ୩୦୦ ଗ୍ରାମ କମ୍ କଷ୍ଟରେ ଜନ୍ମ ଦେଇଛି ସେ ତାକୁ। ହଠାତ୍ ସୀମା ଏଇ.. ଉଠିଲ ଟିକେ...

କାଁ କ'ଣ ହେଲା କହି ତପନ ପୁଣି ଆଖିବୁଜି ଦେଲା।

ଛୁଆଟାକୁ ଟିକେ ଚାହିଁଲ। ସୀମା ହାତଟାକୁ ସାଉଁଳେଇ ଆଣି ପୁଣି ଡାକିଲା... ବାବୁ... ଶୁଣୁଛ...!

ତପନକୁ ସୀମା ଆସିବା ଦିନରୁ ବାବୁ ବୋଲି ଡାକେ, ଦୁହିଁଙ୍କ ମଧରେ ଖୁବ୍ ମେଳଝୁଳ, କେହିକାହାରି କଷ୍ଟ ଦେଖି ପାରନ୍ତିନି। ରୋଷେଇ ହେଉ କିମ୍ବା ତପନର ଅଫିସ୍ କାମ ସୀମା ବି ତପନକୁ କାର୍ଯ୍ୟରେ ସାହାଯ୍ୟ କରେ, ଆଉ ତପନ ବେଳ ପାଇଲେ କଟାକଟି କରିଦେଇ ସୀମା ଠାରୁ ଅତି ସ୍ନେହ ଆଉ ପ୍ରୀତିଭରା... ବାବୁ... ଯାଅ.... ମୁଁ କରିଦେବି ଶୁରି ଟିକେ ନଖରାମି ଖୋଜି ବୁଲୁଥାଏ।

ହୁଁ କହୁନ.. ଝିଅ ସୁସୁ କରିଦେଲା କି...?

ଉଠିବସିଲା ତପନ, ନାଇଁ ମତେ କିଛି ଭଲ ଲାଗୁନି କାଇଁ।

ମୁଣ୍ଡଯା ଭାରିଭାରି ଲାଗୁଛି, ଗୋଡହାତ ଦୁଇଟା କାଇଁ ଝିମ୍‌ଝିମ୍ ହୋଇଯାଉଛି! ତପନ ସୀମାର ମୁଣ୍ଡଟାକୁ ଛାତି ଉପରକୁ ଆଉଜେଇ ନେଲା, ଟିକେ ଆଉଁସି ଦେଇ... ଦିନସାରା ଅଧିକ କାମ କରିଦେଇଥିବ...। ରାତିରେ ବି ଆଜି ବହୁତ ଲେଟ୍‌ରେ ଶୋଇଛ, ସେଥିପାଇଁ ଏମିତି ହେଉଥିବ। ଆଖିବୁଜି ଟିକେ ଶୋଇଯାଅ...। କିଛି ଭାବନି ସବୁ ଠିକ୍ ହୋଇଯିବ। କିଟିକିଟି କଳା ଅନ୍ଧାରର ବକ୍ଷଭେଦି ଫାଟିଲା, ଗୁରୁଣ୍ଡି ଗୁରୁଣ୍ଡି ପାହାନ୍ତି ସକାଳଟା ଛୋଟ ଶିଶୁଙ୍କ ପରି ଉଜ୍ଜ୍ୱଳ ଆଲୋକରେ ଚତୁଃର୍ଦିଗକୁ ଆଲୋକ ଦେଲା। ସକାଳ ୭ଟା ରାମହରିବାବୁ ମର୍ନିଙ୍ଗ୍‌ୱାର୍କରୁ ଫେରିଲେଣି, ଶାଶୂ ଶାନ୍ତିଦେବୀ ଠାକୁର ପୂଜା ସାରି ବସିଛନ୍ତି। ରାସ୍ତାଘାଟ କୋଳାହଳ ହେବାକୁ ଲାଗିଥାଏ। ଯେ ଝା କାମରେ ଯେଝା ବାହାରି ଯିବାର ପ୍ରସ୍ତୁତିରେ ଲାଗି ପଡିଥାନ୍ତି। ତପନର ଉଠିବା ତ ଲେଟ୍ ହୁଏ। ସକାଳ ୮ ନହେଲେ ସେ ଉଠେନି। କିନ୍ତୁ ଆଜି ବୋହୂର କ'ଣ ହୋଇଛି ଚା' କପଟିଏ ବି ଏଯାଏ ପହଞ୍ଚିଲାନି କହୁକହୁ ନ୍ୟୁଜ୍‌ପେପରଟାକୁ ଖୋଲିବାକୁ ଲାଗିଲେ ମାଷ୍ଟ୍ରେ। ବେଡ୍‌ରୁମ୍‌ର ଆଲାରାମ ସଙ୍କେତ ଦେଲା ୮ଟା ବାଜିଗଲା ବୋଧେ। ଏଥର ତପନ ଆଖି ଖୋଲି ଦେଖେ ସୀମା ସେମିତି ତା ଛାତି ଉପରେ ମୁଣ୍ଡରଖି ଛୋଟ ଛୁଆଟିଏ ପରି ଶୋଇ ରହିଛି। ତପନ ଟିକେ ସଚେତନ ହୋଇ ସୀମାର ମଥାରେ ଗାଢ଼ ଚୁମ୍ବନଟିଏ ଦେଇ କହିଲା... ସୀମା ଉଠିବନି କି ଆଜି... ସକାଳ ୮ଟା ବାଜିଲାଣି ପରା!

ଠିକ୍ ସେତିକିବେଳେ ସ୍ୱିଟି କଡ ଲେଉଟାଇ ଆଖି ଖୋଲିଲା, କାଉଁ କାଉଁ ହୋଇ କାନ୍ଦିବାକୁ ଲାଗିଲା। ତପନ ଆଉ ସୀମା ଜାଣନ୍ତି ସ୍ୱିଟିର କାନ୍ଦିବା କାରଣଟା। ଏଇ ନିଅ ଝିଅକୁ ଭୋକ ହେଲାଣି...! ଖାଇବାକୁ ଦିଅ ମୁଁ ଫ୍ରେସ୍ ହୋଇକି ଆସୁଛି କହି ତପନ ଟାୱେଲଟାକୁ ଧରି ଚାଲିଗଲା ବାଥ୍ରୁମ ଭିତରକୁ।

ରିଚା ଚିଲେଇ ଚିଲେଇ ଡାକୁଥାଏ ଭାଉଜ, ଭାଉଜ...!

ମୋ କଲେଜ ଟାଇମ୍ ହୋଇଗଲାଣି, ବ୍ରେକ୍ ଫାଷ୍ଟ ରେଡି ତ... କହୁକହୁ ଧସେଇ ପଶିଗଲା ସୀମାର ବେଡରୁମ ଭିତରକୁ। ଉତ୍କୃଷ୍ଟ ପର୍ଫ୍ୟୁମ୍‌ର ସୁଗନ୍ଧ ରିଚା ଦେହରୁ ପ୍ରସରୀ ରୁମ ଯାକ ବ୍ୟାପିଗଲା। ବାଥରୁମ ଭିତରେ ଥାଇ ତପନ ଟିକେ ଖୁସି ହେଉଥାଏ। ଭାବୁଥାଏ ଭାଉଜ-ନଣନ୍ଦ ବିଲକୁଲ୍ ଏକାପରି କେତେବେଳେ କ'ଣ କରନ୍ତି ଆଉ କୁହନ୍ତି ସେମାନେ ହିଁ ଜାଣନ୍ତି।

ହଠାତ୍ ଭାଇ ... ଭାଇ ବୋଲି ଜୋରରେ ରିଚାର ଡାକ ବେଡରୁମ୍‌ରୁ ବାଥ୍‌ରୁମ୍‌କୁ ଶୁଭିଲା। ଜବାବ ଦେବା ପୂର୍ବରୁ ଭାଉଜ କିଛି କହୁନାହାନ୍ତି....। ଉଠୁବି ନାହାନ୍ତି.... ଖାଲି କ'ଣ କାନ୍ଦି ଚାଲିଛନ୍ତି.. ବାଥ୍‌ରୁମ୍‌ରୁ ତରବର ହୋଇ ତପନ ଆସି ଦେଖେ ତ ସୀମା ନିସ୍ତେଜ ପ୍ରାୟ, ଗୋଡହାତ ପଙ୍ଗୁ। ଡାକ୍ତର କହିଲେ... ସି ଇଜ୍ ସଫର ଫର ପାରାଲିସିସ୍! ନର୍ଭ ଇନଫେକ୍ସନ ୧୦୦ରୁ ୧୦% ଲୋକ ଭାଗ୍ୟ ଜୋରରୁ ଠିକ୍ ହୋଇଯାଆନ୍ତି... ତା'ର ବି ଆଉ ଗୋଟେ କି ରୋଗ ବାହାରିଥାଏ ଯାହାକୁ ଡାକ୍ତରମାନେ ବି ଧରିପାରୁନାହାନ୍ତି। ଡାକ୍ତର କହିଲେ... ଭଗବାନଙ୍କୁ ଡାକ.. ଗଡ ୱିଲ୍ ହେଲ୍ପ ୟୁ।।।

କଟକଣ ବଡ ହସ୍ପିଟାଲ ସେତେବେଳକୁ ରୋଗୀ ଭର୍ତ୍ତି। ବେଡ ବି ମିଳୁନଥାଏ। ଆଡମିସନ କରି ତଳେ ଶୁଆଇଦେଇଥାଏ। ଅସଂଖ୍ୟ ରୋଗୀ ମେଳିରେ ଜଗି ରହିଥାନ୍ତି ତପନ ଆଉ ଜରେ ଭାଇ, ଛୋଟ ଛୁଆଟା ବି ମା'ପାଖରେ।

ସୀମା ସବୁ ଦେଖୁଥାଏ ଜାଣୁଥାଏ ଖୁବ ସନ୍ତର୍ପଣରେ ଚାହୁଁଥାଏ ବାରମ୍ବାର ତପନର ମୁହଁଟାକୁ ତା' ସହ ଛୋଟ ଛୁଆଟାକୁ ଚାହିଁ ଭୋ. ଭୋ କାନ୍ଦୁଥାଏ ଖାଲି। ପାଖରେ ଶୋଇ ରହିଥିବା ପେସେଣ୍ଟ ଆଉ ତାଙ୍କ ସହ ଆସିଥିବା ପରିବାରଜନ ସ୍ୱିଟିକୁ ଦେଖି ଦୁଃଖ କରୁଥାନ୍ତି। ଭଗବାନ କେତେ ନିଷ୍ଠୁର ବୋଲି ବାରମ୍ବାର କହିଚାଲୁଥାନ୍ତି। ୧୦ଦିନ ହସ୍ପିଟାଲରେ ରହଣୀ ଭିତରେ ରାଉଣ୍ଡିଙ୍ଗ୍‌ରେ ଆସୁଥିବା ଡାକ୍ତର ମାନଙ୍କର ବି ପ୍ରିୟ ହୋଇସାରିଥିଲା ସ୍ୱିଟି। ଯାଉଣୁ ଆସୁଣୁ ପିଜି ଷ୍ଟୁଡେଣ୍ଟ ଆଉ ପ୍ରଫେସରମାନେ ସ୍ୱିଟିର ପୁଟୁା ଗାଲଟାକୁ ଚିପିଦେଉଥାନ୍ତି, ତ କେ ଟିକାମାରି ସ୍ୱିଟିକୁ ହସେଇ ଦେଉଥାନ୍ତି।

ଦିନକୁ ଦିନ ଖରାପ ହେବାକୁ ଲାଗିଥାଏ ସୀମାର ଅବସ୍ଥା। ଆଜି ଭାଲେଣ୍ଟାଇନ୍ ଡେ, ପ୍ରେମ କିମ୍ବଦନ୍ତିର ତଥାକଥିତ ଦିବସ। ପ୍ରେମ ପାଇଁ ଖୁବ୍ ଭଲ ଆଉ ସ୍ମୃତିଭରା ଦିନଟାଏ। ଆଜିକୁ ୪ବର୍ଷ ତଳେ ସୀମା ତପନର ଭେଟ ହୋଇଥିଲା। ଲାଲ୍ ଗୋଲାପ ସହ ଦୁହେଁ ଗୋଟେ ପବିତ୍ର ସମ୍ପର୍କରେ ବାନ୍ଧିହୋଇ ଯାଇଥିଲେ। ଏକବର୍ଷ ତଳେ ଠିକ୍ ଏହି ଦିନରେ ଦୁହେଁ ବିବାହ ବେଦୀକୁ ସାକ୍ଷୀ ରଖି ୭ଜନ୍ମକୁ ଏକାଠି ହୋଇଥିଲେ। ତପନ ହାତରେ ଲାଲ ଗୋଲାପଟେ ଧରି ଛୁଟି ଆସିଛି ସୀମା ଥିବା ୱାର୍ଡ ଭିତରକୁ ଆଉ ସୀମା ହାତରେ ରେଡ୍ ରୋଜିଟକୁ ଧରେଇ ଦେଇ.. ହାପି ଭାଲେଣ୍ଟାଇନ୍ ଡେ. ପ୍ଲିଜ୍ ଡୋଣ୍ଟ କ୍ରାଏ... ଆଇଆମ ଅଲୱେଜ୍ ୱିଥ୍ ୟୁ...! କହୁ କହୁ ଖୁବ୍ ଭାବ ପ୍ରବଣ ହୋଇପଡିଥିଲେ ତପନ। ଆଖିର ଲୁହକୁ ଚାପି ଧରି ସୀମାର ହାତକୁ ଟାଣି ଆସିଲା ନିଜ ଛାତି ଉପରକୁ। କିଛି କହିବା ଆଳରେ ସୀମା ସ୍ୱିଟିକୁ ଟିକେ ଚାହିଁ କୋହଭରା ହସଟେ ହସିଦେଲା...! ଏବେ ସବୁ ଚୁପ୍‌ଚାପ, ଅକ୍ସିଜେନ୍ ଆଉ ଚାଲିଲାନି, ହାଟ୍ ବିଟ୍ ଷ୍ଟପ୍! ଡାକ୍ତର ଆସି କହିଲେ.... ସରି... ସି ଇନ୍ ନୋ ମୋ! ଘରଲୋକ କାନ୍ଦି ଉଠିଲେ, ତପନ ଏକଦାପ୍ରାୟ ନିସ୍ତେଜ, ହତବାକ୍ ହୋଇ ଚାହିଁ ରହିଥାଏ ସୀମାର ମୁହଁଟାକୁ ଆଉ ଭାବୁଥାଏ ସ୍ୱିଟି କ'ଣ ଆମ ପ୍ରେମର ସେଇ ତାଜା ଲାଲ୍ ଗୋଲାପ...!


ମୁଁ ନିଶ୍ଚେ ଫେରିବି ସୀମା ତୁମ ପାଖକୁ କିନ୍ତୁ, ଏବେ ମୁଁ ମୁକ୍ତ ନୁହେଁ...! ପୁନଶ୍ଚ କରୁଣ ଚାହାଣୀରେ ଅନାଇ ରହିଲା ସୀମାର ଉଜ୍ଜ୍ୱଳ ଦିଶୁଥିବା ସେ ମୁହଁଟାକୁ।

*କଳିଙ୍ଗନଗର, ଯାଜପୁର*

# କେବେଦିନେ ?



ସୁଧାଂଶୁ ଶେଖର ଦ୍ୱିବେଦୀ



କେବେଦିନେ
ମଣିଷର ଆତଙ୍କରେ
ପୃଥିବୀ ଛାଡି ପଳେଇବେ
ସବୁ ଦେବ-ଦେବୀ,
ହୁଏତ ସାରା ଦୁନିଆରେ
ରହିବନି ଈଶ୍ୱରୀୟ ସତ୍ତା।

କେବେଦିନେ-
ସଂଗ୍ରହାଳୟର ବସ୍ତୁ ହେବ
ଜେଜେଙ୍କ ପିକଦାନୀ,
ଜେଜିର ଭାତ ହାଣ୍ଡି,
ଢେଙ୍କି, ଖାଇଞ୍ଚି, ଲଙ୍ଗଳ, ଖଟ,
ଢୋଲ, ମାଦଳ ଓ ଅବଶିଷ୍ଟ।

କେବେଦିନେ-
ଚାଲୁଥିବା ଲୋକଙ୍କଠୁ
ଟ୍ୟାକ୍ସ ଆଦାୟ କରିବ
ସହରର ସଡକ
ପ୍ରଶ୍ୱାସ ନେବା ପାଇଁ
ପବନ ବି ମାଗିବ ପଇସା।

କେବେଦିନେ-
ଆମ ଅଗଣାରୁ
ଅନ୍ତର୍ହିତ ହୋଇଯିବେ
ସବୁ ଚଢ଼େଇ
କିଛି ବର୍ଷ ପରେ
ସେମାନେ ସବୁ
ପିଲାଙ୍କ ବହିରେ ଦେଖାଯିବେ।

କେବେଦିନେ-
ବିଲୀନ ହୋଇଯିବ
ଆମ ମୁହଁର ହସ
ଯାହା କେବଳ
ଆଲବମରେ ଖୋଯିବ।

କେବେଦିନେ-
ଏମିତିବି ହେବ
ଝିଅଙ୍କ ସଂଖ୍ୟା କମିଯିବ
ଟର୍ଚ୍ଚ ଜାଳି ଖୋଜିଲେବି
ଘର ପାଇଁ ବୋହୂଟିଏ ମିଳିବନି।


*ବିସି-୭୪, ସେକ୍ଟର-୧,*
*ସଲଟ ଲେକ, କୋଲକାତା-୬୪*
*ଦୂରଭାଷ : ୯୬୮୧୩୭୩୫୧୨*

# ବର୍ଷଶେଷ



ଡକ୍ଟର ରାଜୀବ ଷଡଙ୍ଗୀ

ଏମିତି ଲମ୍ବା ସମୟ ସବୁ କଟିଯାଏ ଯେବେ
ମନେପଡେ ସେଦିନର କଥା
ଯୋଉଦିନ ସଂକଳ୍ପ ନେଇଥିଲି
ଏ ସନଟା ଭଲରେ କାଟିବି ବୋଲି।



ମାସପରେ ମାସ କଟେ ବର୍ଷା ଯାଇ ବସନ୍ତ
ଢୁ ଢୁ ମେଘ କେବେ ଗାଳିଯାଏ ତ
କେବେ ରୌଦ୍ରର ମହାପ୍ରକୋପ
ଝାପସା ଦିଶେ ଅତୀତ ଓ ବର୍ତ୍ତମାନ।

ଶିକୁଳି ବନ୍ଧା ଜୀବନରେ କ'ଣ ଥାଏ ଯେ
ବାଢ଼ିଦେବାକୁ ଚିନ୍ତା ଓ ଚୈତନ୍ୟ
ଚାରିପଟେ ଅନେକ କୋଳାହଳ
ଜୀବନଟା ଦୋଛକିରେ ଘୁରେ।



ତୃଷାର୍ତ୍ତର ପୁଣି କି ବାଛ ବିଚାର ଥାଏ କି
ଉଦୁଉଦିଆ ଖରାବେଳେ କାହାର
ଛାଇ ଦେଖି ଆତୁର ହୋଇଉଠେ
ମନର ଗନ୍ତାଘର ଚାବି ହଜିଯାଏ।


ଅଫେରନ୍ତା ପଥକୁ ଚାହିଁ ନିଜକୁ ଶାନ୍ତ୍ୱନା ଖାଲି
ଆଉ କିଛି ବାକି ରହିଗଲା ବୋଧେ ନୂଆ ବରଷକୁ।

*ସୂର୍ଯ୍ୟ ନିଳୟମ୍, କୁଣ୍ଡି*
*କୁମୁଡା ଜୟପୁର, କଟକ-୭୫୪୨୦୪*
*ଦୂରଭାଷ : ୯୪୩୯୮୭୫୫୪୪*

# ଚା' କପ୍, ଶୀତ ଆଉ ଅତୀତ



ଦିଲିପ୍ କୁମାର ତ୍ରିପାଠୀ



ଚା' କପ୍‌ରୁ ଭାସି ଆସୁଥିବା ବାସ୍ନା
ରେଜେଇ ଭିତର ଉଷ୍ମତା
ଠିକ୍ ଭାଙ୍ଗି ଆସୁଥିବା ନିଦ ମଝିରେ
ଠେଲା-ପେଲା ହେଇ ପଶି ଆସୁଥିବା
ମେଞ୍ଚେ ସ୍ମୃତି ମାନଙ୍କର ଅକସ୍ମାତ ଦୌଡ ପ୍ରତିଯୋଗିତା
ଏଇମିତି ହିଁ ଆରମ୍ଭ ହୁଏ
ମୋ ପ୍ରତିଟି ଶୀତ ସକାଳ

ମୁଁ ବି କଉ ଛାଡେ ଯେ
ଖୁବ୍ ପିଛା କରେ ସେମାନଙ୍କର
ଆଉ ଯଦି ଧରା ଦିଅନ୍ତି
ତେବେ ଟିକେ ଟିକେ ବଦଳାଏ ସେମାନଙ୍କୁ

କଅଁଳ ତକିଆ, ଗରମ ରେଜେଇ
ଚା'ର ବାସ୍ନା, ଶୀତର ଉପସ୍ଥିତି
ଆଉ ମୋ ଈପ୍ସିତ ମନ
ଫେଣ୍ଟାଫେଣ୍ଟି ହେଇ
କେମିତି ଗୋଟେ ନୂଆ ଦୁନିଆ ସୃଷ୍ଟି କରନ୍ତି
ଯାହା ଆମ ପୃଥିବୀ ପରି ତ' ବିଲକୁଲ ନୁହଁ।

ସେଇ ମୋ ସଦ୍ୟ ସୃଷ୍ଟିରେ
ଏଇ ବଦଳା ସ୍ମୃତି ଗୁଡିକ ଭାରି ମିଠା ଲାଗନ୍ତି
ମନ ଉଠି ଚାଲେ ଉତ୍ତାଳରୁ ଉତ୍ତାଳ
ଏଇମିତି ଆରମ୍ଭ ହୁଏ
ମୋ ପ୍ରତିଟି ଶୀତ ସକାଳ।

ଚା' କପ୍ ମୋ ଓଠକୁ ସ୍ପର୍ଶ କରୁ କରୁ
ଫିସ୍ ଫିସ୍ ହେଇ କହି ପକେଇବ
ମୋ କାନ ପାଖେ କେତେ କ'ଣ
ମନେ ପକେଇଦେବ-
'ମାଷ୍ଟର କ୍ୟାଣ୍ଟିନ୍' ଷ୍ଟେସନର ସେଇ
କୁହୁଡି ଆଚ୍ଛାଦିତ ଶୀତୁଆ ସକାଳ
ଯେଉଁଠି ଚା' ଗ୍ଲାସଟେ ଧରେଇ ଦେଇ
କେହି ଜଣେ କହିଥିଲା,
ପି ଦିଅ, ଭଲ ଲାଗିବ।
ବାସ୍ ଆରମ୍ଭ ହେଇଥିଲା ମୋ ଚା' ପିଆ
ଆଉ ଚା' ହେଲା ମୋର ବନ୍ଧୁଠୁ ବି ଆହୁରି ନିଜର

ଫି ବର୍ଷ ନେଇ ଆସିବ
ଏଇ କୁହୁଡିକୁ,
ଏଇ ଶୀତକୁ,
ଏଇ କାକରକୁ,
ଆଉ ନିଜେ ଡହ ଡହ ଫୁଟି
କରିବ ମୋ ମନକୁ ଶୀତଳ
ହଁ, ଏଇମିତି ଆରମ୍ଭ ହୁଏ
ମୋ ପ୍ରତିଟି ଶୀତ ସକାଳ।
ହେଲେ, ସେ...! ଛାଡ...!
ଛାଡ.. ଆଉ କେବେ ଭାବିବା।



ଏମିତି ଛାଡ କହି
ମୁଁ ମନ ସହ ଖୁବ୍ ଛଳନା କରେ
ନହେଲେ ଚା'ଟା ଥଣ୍ଡା ହେଇଯିବ ଯେ!

*ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ, ଢେଙ୍କାନାଳ*
*ଦୂରଭାଷ : ୯୭୭୮୧୦୬୧୦୫*

# ପ୍ରକୃତିର ଗନ୍ତାଘର ଗହୀର ମଥା

ସ୍ୱର୍ଣ୍ଣପ୍ରଭା ବାରିକ୍


ନୀଳ ଜଳରାଶି ସାଗର ବୁକୁରେ
ଅଲଭିରିଡଲେ ଭାସେ।
ବରଷକେ ଥରେ କାର୍ତ୍ତିକ ମାସରେ
ଅଣ୍ଡା ଦେବା ପାଇଁ ଆସେ।
ବାଲୁକା ଶଯ୍ୟାରେ ଭରିଯାଏ ପୁଣି
କେତେ ଯେ କଇଁଛ ମାଳ।
ପ୍ରକୃତିର ଏହି ସୌନ୍ଦର୍ଯ୍ୟର ଗାଥା
ଦେଖିବାକୁ କାହିଁ ବେଳ।
ଦୂର ନଳବଣ ହେନ୍ତାଳ ସୁନ୍ଦରି
ଝାଉଁ ଜଙ୍ଗଲର ଧାଡ଼ି
ମାଛରଙ୍କା ଆସେ ଧିର ପଦକ୍ଷଣେ
ଗେଣ୍ଡାଳିଆ ପକ୍ଷୀ ଝାଡ଼ି।
ବଉଳା କୁମ୍ଭୀର ନଦୀ ମଧେ ଥାଇ
ଦେଖୁଥାଏ କେତେ ସପନ।
ଭିତର କନିକା ପକ୍ଷୀଙ୍କ ବିହାର
ଭୁଲାଏ ଯେ ତନୁ ମନ।

ବେଳାଭୂମି ସାଜେ ଶଙ୍ଖ, ଶାମୁକାରେ
କିଏ ସତେ ସଜାଇଛି।
ନାଲି ଟୁକୁ ଟୁକୁ କଙ୍କଡା ଦଳେରେ
ଆଖି ଯାଉଥାଏ ଲାଖି।
ଗହୀର ମଥା ଯେ ବିଶ୍ୱର ଗୌରବ
ଆଗାମୀ ବଂଶର ପାଇଁ।
ଏକକୁଳା ଠାରୁ ଲମ୍ବିଅଛି ପୁଣି
ଶେଷ ଅଟେ ବରୁଣେଇ।
ଅପୂର୍ବ ଏ' ଶୋଭାରାଶି ଆମ୍ଭ ପାଇଁ
ସାଇତ ସମ୍ପଦ କରି।
ଆମ ପ୍ରକୃତିର ଗନ୍ତାଘର ଆଜି
ହରାଉଛି ଶୋଭା ଶିରି।

*ଏନ୍‌ଏଚ୍ କଲୋନୀ*
*ତିନିମୁହାଣୀ, କେନ୍ଦ୍ରାପଡ଼ା*
*ଦୂରଭାଷ: ୮୭୫୮୦୮୮୪୫୨*





ରେୟାଂଶ ସାମନ୍ତ
ଷ୍ଟାଣ୍ଡାର୍ଡ- ୨
ଗ୍ରୀନ୍‌ଉଡ୍ ଏଲିମେଣ୍ଟାରୀ ସ୍କୁଲ
ୱାରୱିକ୍, ରୋଡ୍ ଆଇଲ୍ୟାଣ୍ଡ





ଚିନ୍ମୟ କର୍ମୀ
ଷ୍ଟାଣ୍ଡାର୍ଡ-୬
ନଭୋଦୟ ବିଦ୍ୟାଳୟ, ବୌଦ୍ଧ

# 'ଗବେଷଣା ନିମନ୍ତେ ଅଧିକ ବ୍ୟୟ ହେବା ଆବଶ୍ୟକ'

**ଭୁବନେଶ୍ୱର :** ଗବେଷଣାଲବ୍ଧ ଜ୍ଞାନ ଦ୍ୱାରା ଦେଶର ଅର୍ଥନୀତିରେ ବ୍ୟାପକ ଅଭିବୃଦ୍ଧି ସହିତ ପ୍ରଗତି ହାସଲ କରିହେବ । ଅର୍ଥନୀତିର ବିକାଶରେ ଗବେଷଣାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଥିବାରୁ ଏ ଦିଗରେ ଅଧିକ ବ୍ୟୟ ହେବା ଆବଶ୍ୟକ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି । କୃଷିଭବନରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନାରେ ଯୁବଗବେଷକମାନଙ୍କୁ ସିଡ୍ ଫଣ୍ଡିଂ ଓ ରିସର୍ଚ୍ଚ ଫେଲୋସିପ୍ ପ୍ରଦାନ ଅବସରରେ ମନ୍ତ୍ରୀ ଡ. ସାହୁ କହିଲେ ଯେ ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ ଏବଂ ଚୀନ୍ ଭଳି ବିକଶିତ ଦେଶଗୁଡ଼ିକରେ ଘରୋଇ ଜିଡ଼ିପିର ୨.୨୫ରୁ ଅଧିକ ଅର୍ଥ ଗବେଷଣା ନିମନ୍ତେ ଖର୍ଚ୍ଚ କରାଯାଉଥିବାବେଳେ ଭାରତବର୍ଷରେ ଜିଡିପିର ୦.୬୨ ପ୍ରତିଶତ ଗବେଷଣା ନିମନ୍ତେ ଖର୍ଚ୍ଚ କରାଯାଉଛି । ସେହିପରି ଏହିସବୁ ଦେଶ ତୁଳନାରେ ଭାରତରେ କମ୍ ସଂଖ୍ୟକ ଲୋକ ଗବେଷଣା କାର୍ଯ୍ୟରେ ନିୟୋଜିତ ଅଛନ୍ତି । କେବଳ ଉଚ୍ଚତର ଗବେଷଣା ମାଧ୍ୟମରେ ଯେକୌଣସି କ୍ଷେତ୍ରରେ ପାରଦର୍ଶିତା ହାସଲ କରିହେବ ବୋଲି ମନ୍ତ୍ରୀ ଡ. ସାହୁ ଆଶାପ୍ରକଟ କରିଛନ୍ତି । ଗବେଷଣାଲବ୍ଧ ଜ୍ଞାନ ଓ ଅଭିନବ ଜ୍ଞାନକୌଶଳ ଉଦ୍ଭାବନ ସିଧାସଳଖ ଅର୍ଥନୀତିର ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ । ଏଥି ନିମନ୍ତେ ବିଶ୍ୱବିଦ୍ୟାଳୟ ସ୍ତରରେ ଅଧିକରୁ ଅଧିକ ଗବେଷଣା ନିମନ୍ତେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନାରେ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ତେଣୁ ସମୟ ସହିତ ତାଳଦେଇ ଅଧିକରୁ ଅଧିକ ବିଦ୍ୟାର୍ଥୀ ଗବେଷଣା ପ୍ରତି ଆଗ୍ରହୀ ହେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ଏହି ଯୋଜନା ଅନ୍ତର୍ଗତ ସିଡ୍ ଫଣ୍ଡିଂରେ ଉଚ୍ଚଶିକ୍ଷା ବିଭାଗରେ କାଯର୍ୟରତ ୪୦ ବର୍ଷରୁ କମ ବୟସର ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ଏବଂ ବୈଷୟିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କୁ ଗବେଷଣା ନିମନ୍ତେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ପ୍ରତିବର୍ଷ ଏହି ଯୋଜନାରେ ୪୦ ଜଣ ଅଧ୍ୟାପକଅଧ୍ୟାପିକାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ସେହିପରି ରିସର୍ଚ୍ଚ ଫେଲୋସିପ୍ କାର୍ଯ୍ୟକ୍ରମରେ ଏନ୍ଇଟିରେ କୃତକାଯର୍ୟଙ୍କୁ ଗବେଷଣା ନିମନ୍ତେ ମାସିକ ୧୫ ହଜାର ଟଙ୍କାର ଅର୍ଥିକ ସହାୟତା ୪ ବର୍ଷ ନିମନ୍ତେ ଯୋଗାଇ ଦିଅଯିବ । ଏଥି ସହିତ କଂଟିଜେନ୍ସି ବାବଦକୁ ବିଜ୍ଞାନରେ ବର୍ଷକୁ ୨୫ ହଜାର ଟଙ୍କା ଏବଂ କଳା ଅଦି ବିଭାଗ ନିମନ୍ତେ ୧୫ ହଜାର ଟଙ୍କା ଯୋଗାଇ ଦିଆଯିବ । ସେମାନେ ବିଶ୍ୱବିଦ୍ୟାଳୟ ଅଧୀନରେ ପୂର୍ଣ୍ଣକାଳୀନ ବିଦ୍ୟାର୍ଥୀ ଭାବେ ସେମାନଙ୍କର ଗବେଷଣା କାର୍ଯ୍ୟ କରିବେ । ଏହି କାର୍ଯ୍ୟକ୍ରମରେ ସିଡ୍ ଫଣ୍ଡିଂରେ ୪୦ ଜଣ ଅଧ୍ୟାପକଅଧ୍ୟାପିକା ଓ ରିସର୍ଚ୍ଚ ଫେଲୋସିପ୍‌ରେ ୧୩ ଜଣଙ୍କୁ ଅନୁମୋଦନ ପତ୍ର ଦିଆଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ଏହି ଅଭିନବ ଯୋଜନା ସଂପର୍କରେ ଆଲୋଚନା କରିବା ଅବସରରେ କହିଲେ ଯେ ଏହି ଯୋଜନା ଯୋଗୁଁ ରାଜ୍ୟରେ ଅଧିକ ବିଦ୍ୟାର୍ଥୀ ଗବେଷଣା ପ୍ରତି ଆଗ୍ରହ ପ୍ରକାଶ କରିବେ । ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର କହିଲେ ଯେ ଏହି ଯୋଜନା ପ୍ରଣୟନ ଫଳରେ ଓଡ଼ିଶା ଏକମାତ୍ର ରାଜ୍ୟ ଯିଏ ସିଧାସଳଖ ଗବେଷଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଚୟନ ସମିତିର ସଭ୍ୟ ପ୍ରଫେସର ଶିବପ୍ରସାଦ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ବିଶ୍ୱବିଦ୍ୟାଳୟର ମାନକ ନିର୍ଦ୍ଧାରଣରେ ଗବେଷଣାକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ବିଶ୍ୱବିଦ୍ୟାଳୟଗୁଡ଼ିକ ଗବେଷଣା ଦିଗରେ ଅଧିକ ବ୍ରତୀ ହେବା ଆବଶ୍ୟକ । ପରିଶେଷରେ ଉଚ୍ଚଶିକ୍ଷା ପରିଷଦର ସଦସ୍ୟ ସଚିବ ସିଦ୍ଧାର୍ଥ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।


# ନାବାଳିକା ଗଣଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

**ବାରିପଦା :** ବାରିପଦା ସ୍ପେଶାଲ ଟ୍ରାକ କୋର୍ଟ ଜଜ୍ ଶାନ୍ତନୁ କୁମାର ଦାଶ ଏକ ନାବାଳିକା ଗଣଦୁଷ୍କର୍ମ ମାମଲା ବିଚାର କରି ଅଭିଯୁକ୍ତ ଯୁବକ ମୋରଡ଼ା ଥାନା ଖୁରୁଣ୍ଟିଆ ଗ୍ରାମର କାର୍ତ୍ତିକ ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରାଇବା ସଙ୍ଗେସଙ୍ଗେ ଭାରତୀୟ ପିଙ୍ଗଳ କୋର୍ଡ଼ ସେକ୍ସନ ୩୭୬(୨)(ଶ) ଅନୁସାରେ ୧୦ ବର୍ଷ ଜେଲ ଦଣ୍ଡ, ୧୦ ହଜାର ଟଙ୍କା ଅର୍ଥଦଣ୍ଡ ଏବଂ ଏହା ଅନାଦେୟ ହେଲେ ଅଧିକ ୬ ମାସ କାରାଦଣ୍ଡର ରାୟ ଶୁଣାଇଛନ୍ତି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି , ୨୦୦୫ ଅକ୍ଟୋବର ୧୧ ରାତିରେ ସ୍ଥାନୀୟ ଅଞ୍ଚଳରେ ଦୁର୍ଗାପୂଜା ହେଉଥିଲା । ମାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଆୟୋଜିତ ପାଲା ଦେଖିବା ନିମନ୍ତେ ନିଜର ମା, ବଡ଼ ଭଉଣୀ ଏବଂ ଗ୍ରାମର ଅନ୍ୟ ଲୋକମାନଙ୍କ ସହିତ ପିଡ଼ିତା ଆସିଥିଲା । ପାଲା ଚାଲିଥିବା ବେଳେ ପିଡ଼ିତା ନାବାଳିକା ପରିଶ୍ରା କରିବା ନିମନ୍ତେ ବାହାରକୁ ଯିବ ବୋଲି ତାର ମାଆଙ୍କୁ ଡ଼ାକିଥିଲା । ଏହି ସମୟରେ ଅନ୍ୟ ପରିଚିତ ଝିଅମାନେ ବାହାରକୁ ଯାଉଥିବାର ଦେଖି ସେମାନଙ୍କ ସହିତ ଯିବା ନିମନ୍ତେ ମା ପିଡ଼ିତାକୁ କହିଥିଲେ । ପାଲା ନିକଟରେ ଥିବା ପାନ ଦୋକାନରେ ଅନ୍ୟ ଝିଅମାନେ ଅଟକି ଯିବାରୁ ପିଡ଼ିତା ଏକାକୀ ଦୋକାନଠାରୁ ଅଳ୍ପ ଦୂରକୁ ଚାଲିଯାଇଥିଲା । ଏହି ସମୟରେ ପିଡ଼ିତାର ପଛରେ ଖୁରୁଣ୍ଟିଆ ଗ୍ରାମର କାର୍ତ୍ତିକ ପାତ୍ର(୩୫) ଓ ଗଗନ ସିଂ ପିଡ଼ିତାକୁ ଏକାକୀ ପାଇ ତାର ପାଟିକୁ ଚାପି ଧରି ବଳପୂର୍ବକ ଅନ୍ଧାରୀଆ ନିଛାଟିଆ ସ୍ଥାନକୁ ଟେକି ନେଇ ତା ସହିତ ଜଣେ ପରେ ଜଣେ ଗଣଦୁଷ୍କର୍ମ କରିଥିଲେ । ଏହି ସମୟରେ ଦୂରରୁ ଟର୍ଚ୍ଚ ଆଲୋକ ସେମାନଙ୍କ ଉପରକୁ ପଡ଼ିବା ପରେ ଦୁଷ୍କର୍ମକାରୀ ଯୁବକ କାର୍ତ୍ତିକ ଓ ଗଗନ ଭୟଭିତ ହୋଇପଡ଼ିଥିଲେ । ଏହାର ସୁଯୋଗ ନେଇ ପଡ଼ିତା ଯୋରରେ ଚିତ୍କାର କରିଥିଲା । ଅଭିଯୁକ୍ତ ଗଗନ ସିଂ ଏକ ଛୁରୀ ବାହାର କରି ଘଟଣା ବାହାରେ ପ୍ରକାଶ କଲେ ଜୀବନରୁ ମାରି ଦେବାର ଧମକ ଦେଇ ପିନ୍ଧା ବସ୍ତ୍ରକୁ ଛାଡ଼ି ଦୌଡ଼ି ପଳାଇଯାଇଥିଲେ । ପାଟି ଶୁଣି ସ୍ଥାନୀୟ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଁଞ୍ଚି ପିଡ଼ିତା ନାବାଳିକାକୁ ଉଦ୍ଧାର କରିଥିଲେ । ଉକ୍ତ ଗଣଦୁଷ୍କର୍ମରେ ଶିକାର ହୋଇଥିବା ନାବାଳିକା ପକ୍ଷରୁ ପରବର୍ତ୍ତି ଦିନ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନାରେ ଅଭିଯୁକ୍ତ କାର୍ତ୍ତିକ ଓ ଗଗନଙ୍କ ବିରୋଧରେ କେଶ ନଂ ୬୮ରେ ମାମଲା ରୁଜୁ କରାଯାଇଥିଲା ଅଭିଯୁକ୍ତ ଗଗନକୁ ଗିରଫ କରାଯାଇଥିବା ବେଳେ କାର୍ତ୍ତିକ ଫେରାର ହୋଇଯାଇଥିଲା । ୨୦୦୭ରେ ଅଭିଯୁକ୍ତ ଗଗନକୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରାଯାଇଥିବା ବେଳେ କାର୍ତ୍ତିକ ଫେରାର ଥିବାରୁ ତାଙ୍କର ବିଚାର ହୋଇପାରିନଥିଲା । ପରବର୍ତ୍ତି ସମୟରେ ମୋରଡ଼ା ପୁଲିସ କାର୍ତ୍ତିକକୁ ଗିରଫ କରିଥିଲା ଏବଂ ଉକ୍ତ ମାମଲାରେ ଥିବା ସମସ୍ତ ପ୍ରମାଣ ଓ ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଆଦାଲତ ପକ୍ଷରୁ ଆଜି ଚୁଡ଼ାନ୍ତ ରାୟ ପ୍ରକାଶ ପାଇଛି ।

# ଓଡ଼ିଶା ଚାଷୀ ପରିବାରଙ୍କ ଆୟ ଦିନକୁ ୧୬୬ ଟଙ୍କା

**ଭୁବନେଶ୍ୱର :** ଓଡ଼ିଶାର ଚାଷୀ ପରିବାର ପିଛା ମାସିକ ଆୟ ୪୯୭୬ଟଙ୍କା । ଅର୍ଥାତ ଦିନକୁ ୧୬୫.୮୬ ଟଙ୍କା ବୋଲି ବୁଧବାର ଦିନ ବିଧାନସଭାରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି । ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ମୋହନ ଚରଣ ମାଝୀଙ୍କ ଚାଷୀଙ୍କ ଆୟ ଓ ଋଣ ହାର ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଡ. ସାହୁ ଜାତୀୟ ନମୁନା ସର୍ବେକ୍ଷଣର ୭୦ତମ ପରିକ୍ରମାର ଫଳାଫଳ ଅନୁସାରେ ରାଜ୍ୟରେ ଚାଷୀ ପରିବାର ପିଛା ମାସିକ ଆୟ ୪୯୭୬ ଟଙ୍କା ବୋଲି ତଥ୍ୟ ଦେଇଛନ୍ତି । ନିରୋଳା କୃଷିରୁ ଓଡ଼ିଶାର ଚାଷୀ ପରିବାରର ମାସିକ ଆୟ ୧୪୦୭ ଟଙ୍କା, ମଜୁରୀରୁ ୧୭୧୬ ଟଙ୍କା, ପଶୁପାଳନରୁ ୧୩୧୪ଟଙ୍କା ଏବଂ ଅଣ କୃଷି ବ୍ୟବସାୟରୁ ୫୩୯ ଟଙ୍କା ଏହି ଭାବରେ ମୋଟ ଚାଷୀ ପରିବାରର ମାସିକ ଆୟ ହେଉଛି ୪୯୭୬ ଟଙ୍କା । ସମୀକ୍ଷା ଅନୁସାରେ ଓଡ଼ିଶାର ଚାଷୀ ପରିବାରର ଦିନକୁ ଆୟ ହାରାହାରି ୧୬୬ ଟଙ୍କା । ସର୍ବଭାରତୀୟ ସ୍ତରରେ ଚାଷୀ ପରିବାରର ଆୟ ନିରୋଳା କୃଷିରୁ ୩୦୮୧ ଟଙ୍କା, ମଜୁରୀରୁ ୨୦୭୧ଟଙ୍କା, ପଶୁପାଳନରୁ ୭୬୩ଟଙ୍କା, ଅଣକୃଷି ବ୍ୟବସାୟରୁ ୫୧୨ଟଙ୍କା ସର୍ବମୋଟ ୬୪୨୬ ଟଙ୍କା ହେଉଛି ମାସିକ ଆୟ । ସର୍ବଭାରତୀୟ ହାର ଠାରୁ ଓଡ଼ିଶାର ଚାଷୀ ପରିବାରଙ୍କ ମାସିକ ଆୟ ମଧ୍ୟ କମ୍ ରହିଛି । ଏବଂ ଏହିପରି ଚାଷୀ ପରିବାରର ମୁଣ୍ଡପିଛା ଋଣ ହାର ପଶ୍ଚିମବଙ୍ଗ, ବିହାର, ତେଲେଙ୍ଗାନା, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ର ଚାଷୀ ପରିବାରର ଋଣ ଠାରୁ ଆଗରେ ରହିଛି । ଅର୍ଥାତ ଓଡ଼ିଶାର ଚାଷୀ ପରିବାରର ଋଣ ହାର ୨୮୨୦୦ଟଙ୍କା ଥିବା ବେଳେ ଛତିଶଗଡ଼ ରାଜ୍ୟର ଚାଷୀ ପରିବାରର ମୁଣ୍ଡପିଛା ଋଣ ପରିମାଣ ୧୦୨୦୦ ଟଙ୍କା, ଝାଡ଼ଖଣ୍ଡର ୫୭୦୦ ଟଙ୍କା, ବିହାର ୧୬୩୦୦ଟଙ୍କା, ତେଲେଙ୍ଗାନା ୯୩୫୦୦ ଟଙ୍କା ଏବଂ ପଶ୍ଚିମବଙ୍ଗ ଚାଷୀ ପରିବାରର ମୁଣ୍ଡପିଛା ଋଣ ପରିମାଣ ହାରାହାରି ୧୭୮୦୦ ଟଙ୍କା ରହିଛି । ତେବେ ଚାଷୀ ପରିବାରର ମୁଣ୍ଡପିଛା ଋଣ ପରିମାଣରେ ସବୁଠୁ ଆଗରେ ରହିଛି ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ । ଆନ୍ଧ୍ରପ୍ରଦେଶରେ ଚାଷୀ ପରିବାରର ମୁଣ୍ଡପିଛା ଋଣ ପରିମାଣ ୧୨୩୪୦୦ ଟଙ୍କା ଥିବା ବେଳେ ମଧ୍ୟପ୍ରଦେଶ ଚାଷୀ ପରିବାରର ମୁଣ୍ଡପିଛା ଋଣ ପରିମାଣ ହାରାହାରି ୩୨୧୦୦ ଟଙ୍କା ବୋଲି ମନ୍ତ୍ରୀ ଡ. ସାହୁ ଜାତୀୟ ନମୁନା ସର୍ବେକ୍ଷଣର ୭୦ତମ ପରିକ୍ରମା ଫଳାଫଳ କୃଷି ଆର୍ଥିକ ବର୍ଷ ୨୦୧୨-୧୩ ଆଧାରରେ ପ୍ରକାଶ କରିଛନ୍ତି । ମନ୍ତ୍ରୀଙ୍କ ଏହି ଉତର ଉପରେ ପ୍ରତିକ୍ରିୟା ରଖି ବିରୋଧୀଦଳ ମୁଖ୍ୟ ସଚେତକ ତଥା ବିଧାୟକ ଶ୍ରୀ ମାଝୀ କହିଛନ୍ତି ଓଡ଼ିଶାର ଚାଷୀ ପରିବାର ମାସକୁ ୪୯୭୬ ଟଙ୍କା ଅର୍ଥାତ ଦିନକୁ ହାରାହାରି ଦିନକୁ ୧୬୬ ଟଙ୍କାରେ କିପରି ଜୀବନ କାଟୁଛନ୍ତି ସେ ସମ୍ପର୍କରେ ସମୀକ୍ଷା କରାଯିବା ଉଚିତ । କାରଣ ଗୋଟିଏ ପରିବାରର ୩/୪ ସଦସ୍ୟ ଥିବାବେଳେ ୫୦ ଟଙ୍କାରେ ଜଣେ ବ୍ୟକ୍ତି କିପରି ଜୀବନ ବିତାଇବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ପାରାଦୀପରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜିଲ୍ଲା ସ୍ତରୀୟ କମିଟି



**ପାରାଦୀପ :** ବହୁଧା ଭାବେ ପ୍ରଦୂଷିତ ପାରାଦୀପ ଶିଳ୍ପାଞ୍ଚଳ ଏବେ ଅଧିକ ପ୍ରଦୂଷଣ ପାଇଁ କ୍ରିଟିକାଲ ଏରିଆ ଭାବେ ସରକାରୀ ଭାବେ ଘୋଷଣା କରାଯାଇଛି । ପାରାଦୀପରେ ଜଳ ଓ ବାୟୁର ପ୍ରଦୂଷଣ ମାତ୍ରା ମାରାତ୍ମକ ବୋଲି ଜଣାଯାଇଛି । ଏପରି ପ୍ରଦୂଷଣକୁ ନିୟମିତ ସମୀକ୍ଷା କରିବା ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସଚିବ ମୋନା ଶର୍ମା ଜଗତ୍‌ସିଂହପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ । ଏଥିରେ ଦର୍ଶାଯାଇଥିଲା ପାରାଦୀପ ପ୍ରଦୂଷଣକୁ ଏକ ଜିଲ୍ଲା ସ୍ତରୀୟ କମିଟି ସମୀକ୍ଷା କରି ଏନ୍‌ଜିଟିକୁ ରିପୋର୍ଟ ପ୍ରଦାନ କରିବେ ଏହି କ୍ରମରେ ଜିଲ୍ଲା ପ୍ରଶାସନ ୧୩ ଜଣିଆ କମିଟି ଗଠନ କରିଛନ୍ତି । ଏଥିରେ ଜିଲ୍ଲା ପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷ ଅଛନ୍ତି ସଦସ୍ୟ ଭାବେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲାମୁଖ୍ୟ ଚିକିତ୍ସାଧୀକାରୀ ଡିଏଫ୍‌ଓ ରାଜନଗର ଖଣିବିଭାଗ ଯାଜପୁରର ଉପନିର୍ଦ୍ଦେଶକ ସହକାରୀ ନିର୍ଦ୍ଦେଶକ କାରଖାନା ବାଷ୍ପିତ ବିଭାଗ, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର, ପୌର ନିର୍ବାହୀ ଅଧିକାରୀ ପାରାଦୀପ, ପାରାଦ୍ୱୀପର ଦୁଇ ବରିଷ୍ଠ ନାଗରୀକ ଏବଂ ଦୁଇ ପ୍ରାକୃତିକ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି । ଦୁଇ ବରିଷ୍ଠ ନାଗରୀକ ମଧ୍ୟରେ ଶିକ୍ଷାବିତ୍ ମନୋରଞ୍ଜନ ଦାସ, ଶ୍ରମିକ ନେତା ଅନନ୍ତ ଦାସ ଅଛନ୍ତି । ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ବାବା ବାଲୁଙ୍କେଶ୍ୱର ଗ୍ରାମ ବିକାଶ ପରିଷଦ ଓ ଆହ୍ୱାନ କମ୍ବାଇନ୍‌ସ ଥିବା ଜଣା ଯାଇଛି । ଏହି କମିଟି ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଏକ ଆହ୍ୱାନ ପ୍ଲାନ ପ୍ରସ୍ତୁତ କରିବେ ଏବଂ ପ୍ରଦୂଷଣ କିପରି କମା ଯାଇ ପାରିବ ତାର ପ୍ରତିକାର ପାଇଁ କ'ଣ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ବିଭାଗକୁ ଜଣାଇବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିବେଶ ପାଇଁ ...

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ରାଜ୍ୟ ସରକାର ଭୁବନେଶ୍ୱରକୁ ଆଇଟି ହବ ରୂପେ ଗଢ଼ିତୋଳିବା ସହ ଅଧିକରୁ ଅଧିକ କମ୍ପାନୀକୁ ଆକର୍ଷିତ କରିବା ପାଇଁ ଏକ ନୂଆ ପଲିସି ପ୍ରସ୍ତୁତ କରୁଛନ୍ତି । ବର୍ତ୍ତମାନ ରାଜ୍ୟରେ ଟିସିଏସ୍, ଇନ୍‌ଫୋସିସ୍, ଓ୍ୱିପ୍ରୋ, ଟେକ୍-ମହିନ୍ଦ୍ରା, ମାଇଣ୍ଡଟ୍ରି, ବ୍ଲୁକନାଇଟ, ସେମି ଟେକ୍ ଓ କ୍ୱେଷ୍ଟ ଗ୍ଲୋବାଲ୍ ପରି ୯ଟି ପ୍ରତିଷ୍ଠିତ ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀ କାର୍ଯ୍ୟ କରୁଛନ୍ତି । ଏଥିରେ ରାଜ୍ୟର ପ୍ରାୟ ୮୨୭୨ ଜଣ କମ୍ପ୍ୟୁଟର ଇଞ୍ଜିନିୟର କାର୍ଯ୍ୟରତ ଅଛନ୍ତି । ସେହିପରି ଇନ୍‌ଫୋସିସ୍, ଆଇବିଏମ୍, ଏଲ୍‌ଆଣ୍ଡଟି, ଆସେଞ୍ଚର, ଟିସିଏସ୍, ଟର୍ଟଲ ପରି ୧୬୨ ଆଇଟି କମ୍ପାନୀରେ ୧୫୩୮୪ ଜଣ କାର୍ଯ୍ୟ କରୁଛନ୍ତି ।

ସେହିପରି ବିଗତ ପାଞ୍ଚ ବର୍ଷ ମଧ୍ୟରେ ଆଇଟି ସଫ୍ଟୱେର ରପ୍ତାନୀ ଦ୍ୱାରା କ୍ରମାଗତ ଭାବେ ମଧ୍ୟ ରାଜସ୍ୱ ବୃଦ୍ଧି ପାଇ ଚାଲିଛି । ୨୦୧୪-୧୫ରେ ରାଜ୍ୟ ୨୫୬୪ କୋଟି ଟଙ୍କାର ସଫ୍ଟୱେର ରପ୍ତାନୀ ହୋଇଥିଲା । ସେହିପରି ୨୦୧୫-୧୬ରେ ୨୯୦୦ କୋଟି, ୨୦୧୬-୧୭ରେ ୩୪୦୦ କୋଟି, ୨୦୧୭-୧୮ ରେ ୩୮୦୦ କୋଟି ଓ ୨୦୧୮-୧୯ରେ ମୋଟ ୪୦୦୦ କୋଟି ଟଙ୍କାର ସଫ୍ଟୱେର ରପ୍ତାନୀ କରାଯାଇଛି । ରାଜ୍ୟରେ ଆଇଟି ଶିଳ୍ପ କ୍ଷେତ୍ରରେ ବାର୍ଷିକ ୧୫ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଥିଲା ବେଳେ ଏହାକୁ ହାସଲ କରିବାରେ ସରକାର ସଫଳ ହୋଇଥିବା ଜଣାପଡ଼ିଛି । ତେବେ ଆଇଟି ଶିଳ୍ପରେ ଅଭିବୃଦ୍ଧି ପଛରେ ରାଜ୍ୟ ସରକାରଙ୍କ ନିବେଶ ନୀତି ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଣାପଡ଼ିଛି । ରାଜ୍ୟ ସରକାର ମଧ୍ୟ ଆଇଟି ଶିଳ୍ପର ଉନ୍ନତି ନିମନ୍ତେ ବିଭାଗ ପକ୍ଷରୁ ଦୁଇଟି ଆଇଟି ଯଥା ଇନ୍‌ଫୋସିଟି ଓ ଇନ୍‌ଫୋଭେଲି ପାର୍କ ପ୍ରତିଷ୍ଠା କରିଛନ୍ତି । ଇନ୍‌ଫୋଭ୍ୟାଲିଠାରେ ଏକ ଗ୍ରୀନ୍‌ଫିଲ୍ଡ ଇଲେକ୍ଟ୍ରୋନିକ୍ସ ମାନୁଫାକ୍‌ଚରିଂ କ୍ଲଷ୍ଟର ପ୍ରତିଷ୍ଠା କରାଯାଇଥିବା ଆଇଟି ଶିଳ୍ପର ବିକାଶ ନିମନ୍ତେ ନୂଆ ଆଇଟି ପଲିସି ଓ ବିପିଓ ପଲିସି ପ୍ରସ୍ତୁତ କରାଯାଉଛି । ପ୍ରମୁଖ ଆଇଟି କମ୍ପାନୀ ଯଥା ଇନ୍‌ଫୋସିସ୍, ଟିସିଏସ୍, ଟେକ୍-ମହିନ୍ଦ୍ରା, ବ୍ଲୁକନାଇଟ କମ୍ପାନୀଗୁଡ଼ିକ ଏଠାରେ ସେମାନଙ୍କ ସଂସ୍ଥାର ସମ୍ପ୍ରସାରଣ କରୁଛନ୍ତି । ସେହିପରି ନିକଟରେ ମେସର୍ସ କାପେଜେମିନି ନାମକ ଏକ ବହୁରାଷ୍ଟ୍ରୀୟ ଆନ୍ତର୍ଜାତିକ କମ୍ପାନୀ ତା'ର ଏକ ଶାଖା ଭୁବନେଶ୍ୱରରେ ପ୍ରତିଷ୍ଠା କରିଛି । ଏହାଦ୍ୱାରା ସ୍ଥାନୀୟ ଆଇଟି ଏକ୍ସପର୍ଟମାନଙ୍କୁ ନିଯୁକ୍ତି ମିଳିବାକୁ ଥିବା ବେଳେ ଆଉ ଦୁଇଗୋଟି ବହୁରାଷ୍ଟ୍ରୀୟ କମ୍ପାନୀ ଭୁବନେଶ୍ୱରରେ ସେମାନଙ୍କର କମ୍ପାନୀ ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି । ସେହିପରି ଗତବର୍ଷ ରାଜ୍ୟ ସରକାର ଆମେରିକାର ଚିକାଗୋ ବିଶ୍ୱ ବିଦ୍ୟାଳୟ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଭୁବନେଶ୍ୱରରେ ଫାବ ଫାଉଣ୍ଡେସନ ସହାୟତାରେ ଏକ ଫାବ୍ରିକେଶନ ଲ୍ୟାବ ପ୍ରତିଷ୍ଠା କରାଯାଇଛି । ରାଜ୍ୟର ଆଇଟି ସେକ୍ଟର ପ୍ରତି ଆଗ୍ରହୀ ସଂସ୍ଥା ଏବଂ ଲୋକଙ୍କୁ ଏହା ଉନ୍ନତ ଜ୍ଞାନକୌଶଳ ଯୋଗାଇଦେବ ବୋଲି ଜଣାପଡ଼ିଛି । ତେଣୁ ଉପରୋକ୍ତ ତଥ୍ୟଗୁଡ଼ିକୁ ବିଚାରକୁ ନେଲେ ଭୁବନେଶ୍ୱର ଯେ ଆଇଟି ହବ୍ ଅଭିମୁଖେ ନିଜର ସଫଳ ଓ ପାରଦର୍ଶୀ ଯାତ୍ରା ଆରମ୍ଭ କରିଛି, ଅନ୍ତତଃ ଏହା ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ।

### ସହରାଞ୍ଚଳ କଠିନ ...

ପୃଥକୀକରଣ କ୍ଷେତ୍ରରେ ୭୭ ଶତକଡା ଲକ୍ଷ୍ୟ ହାସଲ ହୋଇଛି । କଳାହାଣ୍ଡି, କେନ୍ଦ୍ରାପଡା, ନୂଆପଡା, ଢେଙ୍କାନାଳ, ଅନୁଗୁଳ ଓ କୋରାପୁଟ ଆଦି ଜିଲ୍ଲାରେ ଶତ ପ୍ରତିଶତ ସଫଳତା ବିବରଣୀ ଜିଲ୍ଲାସ୍ତରରୁ ମିଳିଛି । ଅନ୍ୟ ଜିଲ୍ଲାମାନେ ଶତ ପ୍ରତିଶତ ଲକ୍ଷ୍ୟ ହାସଲର ପାଖାପାଖି ସ୍ତରରେ ପହଞ୍ଚିଛନ୍ତି । କଠିନ ବର୍ଜ୍ୟର ପ୍ରକ୍ରିୟାକରଣ ନିମନ୍ତେ ୩୦୮ଟି କ୍ଷୁଦ୍ର ପ୍ରକ୍ରିୟାକରଣ କେନ୍ଦ୍ର (ମାଇକ୍ରୋ ପ୍ରୋସେସିଂ ସେଣ୍ଟର) ନିର୍ମାଣ ପାଇଁ ଜମି ଚିହ୍ନଟ, ଯୋଜନା ଏବଂ ଖର୍ଚ୍ଚ ଅଟକଳ ପ୍ରସ୍ତୁତି ଆଦି କାର୍ଯ୍ୟ ସରିଛି । ବର୍ତ୍ତମାନ ସୁଦ୍ଧା ୯୬ଟି କେନ୍ଦ୍ରର ନିର୍ମାଣ ଦ୍ରୁତ ଗତିରେ ଚାଲିଛି । ଏହାଛଡା, ୩୦ଟି ସହରାଞ୍ଚଳର ୬୨ଟି ସ୍ଥାନରେ ବସ୍ତୁ ପୁନରୁଦ୍ଧାର କେନ୍ଦ୍ରର ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇଛି । ଅଧିକ ୨୦୬ ଟି କେନ୍ଦ୍ର ନିର୍ମାଣ ପାଇଁ ବୈଠକରେ ସ୍ଥିର ହୋଇଥିଲା ଏବଂ ଏହି ପ୍ରକଳ୍ପ ଗୁଡିକୁ ତ୍ୱରିତ ଗତିରେ ପୂର୍ଣ୍ଣାଙ୍ଗ କରିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ମାଥିଭାଥାନନ୍ ସହରାଞ୍ଚଳ ମୁଖ୍ୟ କାର୍ଯ୍ୟ ନିର୍ବାହୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କଠିନ ବର୍ଜ୍ୟ ପରିଚାଳନା ଅଭିଯାନକୁ ଦୃଢ଼ିଭୂତ କରିବା ସହ ସହରବାସୀ ମାନଙ୍କ ଅଭ୍ୟାସରେ ଗୁଣାତ୍ମକ ପରିବର୍ତ୍ତନ ହାସଲ ନିମନ୍ତେ ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ନିୟୋଜନ ବିଷୟ ବୈଠକରେ ସମୀକ୍ଷା ହୋଇଥିଲା । ସମୀକ୍ଷାରୁ ଜଣାପଡିଥିଲା ଯେ ଅକ୍ଟୋବର ମାସ ଶେଷସୁଦ୍ଧା ୩୦ଟି ସହରାଞ୍ଚଳରେ ୧୯୧୫ ସ୍ୱଚ୍ଛ ସାଥୀ ଏବଂ ୫୩୦ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ନିର୍ଦ୍ଧାରିତ ସଂଖ୍ୟା ଅନୁସାରେ ଅବଶିଷ୍ଟ ୩୪୫ ସ୍ୱଚ୍ଛ ସାଥୀ ଓ ୭୯ ସୁପରଭାଇଜର ନିୟୋଜନ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ୨ ସପ୍ତାହରେ ଏହି କାର୍ଯ୍ୟର ଅଗ୍ରଗତି ବିଷୟରେ ଜିଲ୍ଲାସ୍ତରରେ ସମୀକ୍ଷା କରି କଠିନ ବର୍ଜ୍ୟବସ୍ତୁ ପରିଚାଳନାର ବିଭିନ୍ନ ମାନାଙ୍କରେ ଶତ ପ୍ରତିଶତ ଲକ୍ଷ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ହାସଲ କରିବାକୁ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ମାଥିଭାଥାନନ୍‌ଙ୍କ ସମେତ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଭିଡିଓ କନ୍‌ଫେରେନ୍‌ସିଂ ରେ ଅଂଶଗ୍ରହଣ କରି ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

### ଅବଧି ପୂର୍ବରୁ ...

ଯୋଜନାରେ ଦୁର୍ନୀତି, ବିନାଶ ପଥରେ ପଶ୍ଚିମ ଓଡିଶା ବିକାଶ ପରିଷଦ, ଲଘୁ ଖଣିଜ ସମ୍ପଦ ବେଆଇନ ଖନନ ପାଇଁ ରାଜସ୍ୱ କ୍ଷତି ହେବା ଆଦି ସାମିଲ ରହିଥିଲା । ଏହି ପ୍ରସଙ୍ଗ ଉପରେ ବିଭାଗୀୟ ମନ୍ତ୍ରୀ ମାନେ ଉତର ଦେଇଥିଲେ ହେଁ ଏହା ବିରୋଧୀ ଦଳର ବିଧାୟକମାନଙ୍କୁ ସନ୍ତୁଷ୍ଟ କରି ପାରିନଥିଲା । ଏହାର ପ୍ରତିବାଦରେ ଗୃହରେ ହଟ୍ଟଗୋଳ ସୃଷ୍ଟି କରିଥିଲେ । ଅଚଳ ଅବସ୍ଥାକୁ ଏଡ଼ାଇବା ପାଇଁ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବି ରଖିବାକୁ ବାଧ୍ୟ ହୋଇଥିବା ପରିଲକ୍ଷିତ ହୋଇଥିଲା । ଅନ୍ୟପକ୍ଷରେ ୩୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆସିଥିବା ଦୃଷ୍ଟିଆକର୍ଷଣ ପ୍ରସ୍ତାବ ଆସିଥିଲେ ହେଁ ତିନିଟି ଉପରେ ଆଲୋଚନା କରାଯାଇଥିଲା । ୪୮ଟି କାଗଜ ଉପସ୍ଥାପନ ଓ ପୁନଃ ଉପସ୍ଥାପନ କରାଯିବା ସହ ପାଞ୍ଚଟି ବିବରଣୀ ପ୍ରଦାନ କରାଯାଇଥିଲା । ୧୭ଟି ବାର୍ଷିକ ରିପୋର୍ଟ, ୪ଟି କମିଟି ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ପାଞ୍ଚଟି ସରକାରୀ ବିଧେୟକ ପାରିତ ହୋଇଥିଲାବେଳେ ଗୋଟିଏ ସଂକଳ୍ପ ଗୃହୀତ ହୋଇଥିଲା । ୫୩ ନିବେଦନ ଉପସ୍ଥାପନ କରାଯାଇଥିଲା ।

ଆର୍ଥିକ ଦୃଷ୍ଟିକୋଣରୁ ବିଚାର କଲେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୮,୧୨୬କୋଟି ୩୨ଲକ୍ଷ ୪୯ ହଜାର ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି ଏବଂ ତତ୍‌ଜନିତ ବିନିଯୋଗ ବିଲ୍ ଆଗତ କରିଥିଲେ ଏବଂ ତା' ଉପରେ ହୋଇଥିବା ଆଲୋଚନା ଗୃହର ବାତାବରଣକୁ ବହୁସମୟରେ ସରଗରମ କରିଥିବାର ଦେଖାଯାଇଥିଲା । ଏହାବ୍ୟତୀତ ପାଂଚଟି ସରକାରୀ ବିଭାଗର ଖର୍ଚ୍ଚଦାବି ଆଲୋଚିତ ହୋଇ ପାରିତ ହୋଇଥିଲାବେଳେ ଅବଶିଷ୍ଟ ୩୮ଟି ବିଭାଗର ଖର୍ଚ୍ଚଦାବି ଗିଲୋଟିନ୍ ଦ୍ୱାରା ଗୃହୀତ ହୋଇଥିଲା । ବିଧିବଦ୍ଧ ଭାବେ ଆଲୋଚନା ହୋଇଥିବା ବିଭାଗଗୁଡ଼ିକ ହେଲା- ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, ସମବାୟ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଏବଂ ସ୍ୱରାଷ୍ଟ୍ର, ରାଜସ୍ୱ, ବିପର୍ଯ୍ୟୟ ପ୍ରଶମନ ବିଭାଗ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଉତରରେ ଅସନ୍ତୋଷ ପ୍ରକାଶ କରି ବିରୋଧି ଦଳ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ । ଆଜିର ଶେଷ ଦିବସରେ ଅର୍ଥମନ୍ତ୍ରୀ ସିଏଜି ରିପୋର୍ଟ ଉପସ୍ଥାପନ କରିଥିଲେ । ଅପରପକ୍ଷରେ ବିରୋଧି ଦଳର ହଟ୍ଟଗୋଳ ଯୋଗୁଁ କେତେକ ଦିନ ବୈଠକରେ ପଶ୍ନୋତର, ଶୂନ୍ୟକାଳ, ମୁଲତବି ପ୍ରସ୍ତାବ ଆଲୋଚନା ହୋଇପାରି ନଥିଲା । ବାଚସ୍ପତି, ଉପ ବାଚସ୍ପତି ବାଧହୋଇ ଗୃହକୁ ବିଭିନ୍ନ ସମୟରେ ବାରମ୍ବାର ମୁଲତବି କରିବା ସହ ଗୃହ ପରିଚାଳନା କିପରି ହେବ ସେଥିପାଇଁ ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିବାର ଦେଖାଯାଇଥିଲା । ୨୬ ତାରିଖରେ ୭୦ତମ ସମ୍ବିଧାନ ଦିବସ ଉପଲକ୍ଷେ ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇଥିଲା । ତିର୍ତ୍ତୋଲ ଦଳିତ ଯୁବତୀ ଦୁଷ୍କର୍ମ ଘଟଣାରେ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲାବେଳେ ବିରୋଧି ଦଳ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସରକାରୀ ପଇସାରେ ଦୁଇଜଣ ମହିଳାଙ୍କୁ ହାଇଦ୍ରାବାଦ ରୋଡ଼ ସୋ'କୁ ନେଇଥିବା ଅଭିଯୋଗରେ ଇସ୍ତଫା ମାଗିବା ସହ ଗୃହରେ ହଟ୍ଟଗୋଳ କରିଥିଲେ ।

ପୁରୁଷ ବିଶ୍ୱକପ୍ ହକି ପରି ଏକ ମର୍ଯ୍ୟାଦାଜନକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ଯେକୌଣସି ଦେଶ ପକ୍ଷରେ ଗୌରବର ବିଷୟ । ଓଡ଼ିଶା ୨୦୧୮ ନଭେମ୍ବର ବିଶ୍ୱକପ୍ ହକିର ସଫଳ ଆୟୋଜନ କରି ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । ଆନ୍ତର୍ଜାତୀୟ ହକି ଫେଡେରେସନ ୨୦୨୩ ପୁରୁଷ ବିଶ୍ୱ ହକିର ଆୟୋଜନ ଦାୟିତ୍ୱ ପୁନର୍ବାର ଓଡ଼ିଶା ଉପରେ ନ୍ୟସ୍ତ କରିଛି । ଏହା ଆମ ଦେଶ ପାଇଁ ବିଶେଷ କରି ଆମ ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ । ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ୨୦୨୩ ପୁରୁଷ ହକି କପର ସଫଳତା କାମନା କରିବା ପାଇଁ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଆଣିଥିବା ସଂକଳ୍ପ ଗୃହୀତ ହେବା ଏକ ବିଶେଷ ଘଟଣା ଥିଲା । ଦଳମତ ନିର୍ବିଶେଷରେ ଉଭୟେ ଏ ସଂକଳ୍ପକୁ ସମର୍ଥନ କରିଥିଲେ । ଏଥିରେ ଉଭୟ ଦଳର ସଦସ୍ୟମାନେ ଅଂଶଗ୍ରହଣ କରିବା ସହ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ଗଠନମୂଳକ ପରାମର୍ଶ ଦେଇଥିଲେ । ଏହାପରେ ଏହା ପାରିତ ହୋଇଥିଲା । ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିବା ପୂର୍ବରୁ ସ୍ୱସ୍ତିବାଚକ ଭାଷଣରେ ମୁଖ୍ୟ ବିରୋଧି ବିଜେପି ଦଳ ଅନୁପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ, କଂଗ୍ରେସ ଦଳ ସଭ୍ୟ ନରସିଂହ ମିଶ୍ର ଏଥିରେ ଅଂଶଗ୍ରହଣ କରିଥିଲେ ।

# ପଖାଳ କଂସାରୁ ପିଆଜ ଉଭାନ



**ସୋନପୁର :** ରାଜ୍ୟରେ ପ୍ରତିବର୍ଷ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ଏକ ଚିରାଚରିତ ସମସ୍ୟା ଭଳି ମୁଣ୍ଡ ଟେକିଛି । ଗତ କିଛି ଦିନ ଧରି ଆଳୁ ପିଆଜର ନିୟନ୍ତ୍ରଣ ପାଇଁ ସରକାର ଜିଲା ଖାଉଟି ବିଭାଗ ଜରିଆରେ ସୁଲଭ ମୂଲ୍ୟରେ ପିଆଜ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିସେମ୍ବର ୧୫ରୁ ଜାନୁଆରୀ ୨୦ତାରିଖ ମଧ୍ୟରେ ରବି ପିଆଜ ଲଗାଯାଇଥାଏ । ଜିଲାରେ ଉଭୟ ଖରିଫ ଏବଂ ରବିରେ ପିଆଜ ଚାଷ ହୋଇଥାଏ । ଏପ୍ରିଲ ମାସ ଶେଷ ଆଡକୁ ପିଆଜ ଅମଳ ହୋଇଥାଏ । ଗୋଟିଏ ହେକ୍ଟର ଚାଷଜମିରୁ ପାଖାପାଖି ୭୦ରୁ ୮୦କ୍ୱିଣ୍ଟାଲ ପିଆଜ ଉତ୍ପାଦନ ହୋଇଥାଏ । ପ୍ରତିବର୍ଷ ଜିଲାରେ ୨ଲକ୍ଷ ୮୦ହଜାର କ୍ୱିଣ୍ଟାଲ ପିଆଜ ଉତ୍ପାଦନ ହେଉଥିବା ଜଣାପଡିଛି । ଜିଲାର ସବୁ ବ୍ଲକ ବିରମହାରାଜପୁର,ଉଲୁଣ୍ଡା,ବିନିକା,ତରଭା,ଡୁଙ୍ଗୁରିପାଲି, ଅଞ୍ଚଳରେ ସବୁଠାରୁ ଅଧିକ ପରିମାଣରେ ପିଆଜ ଚାଷ ହେଉଥିବା ଜଣାପଡିଛି । ଅମଳ ସମୟରେ ପିଆଜ ଦର ପ୍ରାୟତଃ କମ୍ ରହୁଥିବାରୁ ଅମଳ ପରେ ଚାଷୀଙ୍କୁ ପିଆଜ ସାଇତି ରଖିବା ପାଇଁ ପ୍ରତିବର୍ଷ ରିହାତି ଦରରେ ପିଆଜ ଘର ଯୋଗାଇ ଦିଆଯାଉଛି । ୨୦୧୮-୧୯ରେ ଅନେକ ଚାଷୀଙ୍କୁ ସବ୍‌ସିଡି ଆକାରରେ ୧୨.୫୦ ମେଟ୍ରିକ ଟନ ବିଶିଷ୍ଟ ପିଆଜ ଘର ଯୋଗାଇ ଦିଆଯାଇଛି। ଅମଳ ପରେ ଦୀର୍ଘ ୬ମାସ ପିଆଜକୁ ସାଇତି ରଖି ଭଲ ଦରରେ ବିକ୍ରି କରିବା ପାଇଁ ଚଷୀଙ୍କୁ ଏଭଳି ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲେ ମଧ୍ୟ ଜିଲାରେ ପିଆଜ ଚାଷୀଙ୍କ ସଂଖ୍ୟା ପ୍ରତିବର୍ଷ କମୁଥିବା ଲକ୍ଷ୍ୟ କରାଯାଇଛି । ଏଭଳି ଭିତ୍ତିଭୂମି ସତ୍ତ୍ୱେ ଚାଷୀ ଖରିଫ ଏବଂ ରବି ପିଆଜକୁ ଆଦାୟ କରି ଅଧିକ ଦିନ ସାଇତି ନରଖି ସ୍ୱଳ୍ପ ଦରରେ ପିଆଜଗୁଡିକୁ ବିକ୍ରି କରୁଥିବାରୁ ଜିଲାରେ ଅମଳ ହେଉଥିବା ପିଆଜ ଲୋକଙ୍କ ଚାହିଦା ମେଣ୍ଟାଇ ପାରୁନାହିଁ । ଯାହା ଫଳରେ ସୋନପୁର ରେ ପର୍ଯ୍ୟାପ୍ତ ପିଆଜ ଅମଳ ସତ୍ତ୍ୱେ ନିଅଣ୍ଟିଆ ସମୟରେ ଖାଉଟିଙ୍କୁ ସୁଲଭ ଦରରେ ପିଆଜ ମିଳି ।ରୁନାହିଁ । ଚାଷ ମଧ୍ୟ ନିଅଣ୍ଟିଆ ସମୟରେ ଭଲ ଦୁଇ ପଇସା ପାଇବାରୁ ବଞ୍ଚିତ ହେଉଛନ୍ତି । ଅହେତକ ମୂଲ୍ୟ ବୃଦ୍ଧି ସାଧାରଣ ଖାଉଟିଠାରୁ ଆରମ୍ଭ କରି ଚାଷୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି । ଏପରିକି ଯେଉଁ ଚାଷୀ ନିଜେ ଅମଳ କରୁଥିବା ପିଆଜରେ ୫/୧୦ ଟଙ୍କାରେ ବିକି ଦେଇଥିଲା, ସିଏ ଏବେ ୭୦/୮୦ ଟଙ୍କାରେ ପିଆଜ କିଣୁଛି ତା' ପଖାଳ କଂସା ପାଇଁ । ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଏଭଳି ଦରବୃଦ୍ଧି ଯୋଗୁଁ ଖାଉଟିଙ୍କ ଉପରେ ସିଧାସଳଖ ମହଙ୍ଗା ମାଡ ଯୋଗୁଁ ଗରିବ ଖାଉଟିଙ୍କ ହାଣ୍ଡିଶାଳରୁ ବର୍ତ୍ତମାନ ପିଆଜ ଉଭାନ୍ ହୋଇଯାଇଛି । ଦର ବୃଦ୍ଧି ପରଲିକ୍ଷିତ ହୋଇଛି । ପ୍ରକାଶ ଯେ ସୋନପୁର ଜିଲାରେ ପିଆଜ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ସହିତ ଅନୁକୂଳ ପରିବେଶ ସାଙ୍ଗକୁ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମି ରହିଥିଲେ ମଧ୍ୟ ପିଆଜ ଚାଷ ପାଇଁ ଚାଷୀ ଆଗ୍ରହ ପ୍ରକାଶ କରୁନଥିବା ଦେଖାଯାଇଛି । ଯାହା ଫଳରେ ସୋନପୁରରେ ପର୍ଯ୍ୟାପ୍ତ ପିଆଜ ଅମଳ ସତ୍ତ୍ୱେ ନିଅଣ୍ଟିଆ ସମୟରେ ଖାଉଟିଙ୍କୁ ସୁଲଭ ଦରରେ ପିଆଜ ମିଳିପାରୁନାହିଁ । ଚାଷ ମଧ୍ୟ ନିଅଣ୍ଟିଆ ସମୟରେ ଭଲ ଦୁଇ ପଇସା ପାଇବାରୁ ବଞ୍ଚିତ ହେଉଛନ୍ତି ।



# ମହାପୁରୁଷ ଅଚ୍ୟୁତାନନ୍ଦ ଓ ମାଳିକା

**କ**ବି ଅଚ୍ୟୁତାନନ୍ଦ ଜଣେ ବହୁଦର୍ଶୀ ଦାର୍ଶନିକ ଓ ପଣ୍ଡିତ ଥିଲେ। ସର୍ବୋପରି ସେ ଥିଲେ ଜଣେ ମହାନ ସନ୍ଥକବି, ଧର୍ମ ପ୍ରଚାରକ, ସମାଜ ସଂସ୍କାରକ ଓ ଭବିଷ୍ୟତ ଦ୍ରଷ୍ଟା। ସେ ଗୀତା ସଂହିତା, ଟୀକା, କଳ୍ପ, ଯନ୍ତ୍ର, ମାଳିକା ଆଦି ରଚନା ଗୁଡ଼ିକରେ ଦର୍ଶନ ତତ୍ତ୍ୱର ଜଟିଳତାକୁ ସୁଗମ ଭାବରେ ଉପସ୍ଥାପନ କରିଛନ୍ତି। ମାଳିକା ପାଇଁ ଅଚ୍ୟୁତାନନ୍ଦ ଓଡ଼ିଶାର ପୁରପଲ୍ଲୀରେ ଅତିପ୍ରିୟ ଓ ପରିଚିତ। ଅନେକ ମାଳିକାକୁ ମିଥ୍ୟା କଳ୍ପନା ବୋଲି କହିଥାନ୍ତି। ମାତ୍ର ଅଦ୍ଭୁତ ଭାବରେ ବର୍ତ୍ତମାନ ସେ ସବୁରୁ ଅନେକ କଥା ଅବିକଳ ଭାବରେ ଘଟି ଯାଉଥିବାରୁ ମାଳିକା ପ୍ରତି ଜନସାଧାରଣଙ୍କର ବିଶ୍ୱାସ ବୃଦ୍ଧି ପାଉଛି।

ଓଡ଼ିଆ ସନ୍ଥ ମାନଙ୍କ ରଚନାରେ ମାଳିକା ଏକ ଅପୂର୍ବ ସୃଷ୍ଟି। ମାଳରେ ଫୁଲ ବା ମାଳି ଗୋଟି ଗୋଟି ଗୁନ୍ଥା ହେବା ଭଳି ମାଳିକାରେ ଭବିଷ୍ୟବାଣୀ ଗୁଡ଼ିକ ସଜ୍ଜିତ ହୋଇ ବର୍ଣ୍ଣନା କରାଯାଇଛି। ଅଚ୍ୟୁତାନନ୍ଦଙ୍କ ମାଳିକା ଏକ ସୁସ୍ଥ ସମାଜ ଗଠନ ପାଇଁ ସତର୍କବାଣୀ। ଲୋକ ମାନଙ୍କୁ ପଙ୍କିଳ ସଂସାର ଭିତରୁ ଉଦ୍ଧାର କରିବା ପାଇଁ ମହାପୁରୁଷ ପ୍ରୟାସ କରିଛନ୍ତି। ସମାଜରେ ଧର୍ମ ନାମରେ ଭ୍ରଷ୍ଟାଚାର, କୁକାର୍ଯ୍ୟ ପ୍ରଭୃତିକୁ ସେ ଦୃଢ଼ ଭାବରେ ନିନ୍ଦା କରିଛନ୍ତି। ବିଶେଷକରି ଶୁଦ୍ରଜାତି ଓ ମହିଳା ମାନଙ୍କ ଉ□ାନ ପାଇଁ ତାଙ୍କ ପ୍ରଚେଷ୍ଟା, ତାଙ୍କ ରଚନା ମାଳିକାରେ ଦେଖିବାକୁ ମିଳେ। ସମାଜକୁ ଅନ୍ୟାୟ ଓ ଅନୀତି ଦାଉରୁ ରକ୍ଷା କରିବା ପାଇଁ ତଥା ସତର୍କ କରିବା ପାଇଁ ତାଙ୍କ ରଚିତ ମାଳିକା ଏକ ସଫଳ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କ ଭାଷାରେ 'ଗୃହସ୍ଥ ଭାରିଯା ଛାଡ଼ିବେ, ପେଟ ନ ପୂରି ବୁଲୁଥିବେ। ପରଜା ଧନ ରାଜା ନେବେ, ନିର୍ଦ୍ଦୟ ହୃଦେଣ ମାରିବେ। ଗୁରୁଙ୍କୁ ଶିଷ୍ୟ ଅବିଶ୍ୱାସ, ପିତା ପୁତ୍ରକୁ ଦେବ ବିଷ।' (ଗୁରୁଭକ୍ତି ଗୀତା) ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ଯୋଗସିଦ୍ଧି ଓ ଦୂରଦୃଷ୍ଟି ବଳରେ ଆଗତ ଭବିଷ୍ୟତ ପ୍ରତ୍ୟକ୍ଷ କରି ସମାଜକୁ ବିପର୍ଯ୍ୟୟରୁ ସୁଧାରିବା ପାଇଁ ସହଜ ବୋଧଗମ୍ୟ ବୋଲି ମାଧ୍ୟମରେ ମାଳିକା ଉପସ୍ଥାପନ କରିଛନ୍ତି। ସେହିପରି ଓଡ଼ିଶାର ବହୁ ସନ୍ଥକବି ବଳରାମ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ଜଗନ୍ନାଥ ଦାସ, ଅରକ୍ଷିତ ଦାସ, ହାଡ଼ି ଦାସ ଓ ଅଭିରାମ ପରମହଂସ ପ୍ରମୁଖ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମାଳିକା ସୃଷ୍ଟି କରିଯାଇଛନ୍ତି। ଅନେକ ମାଳିକାକୁ ଦେବବାଣୀ ବୋଲି ମନେ କରିଥାନ୍ତି। ବାସ୍ତବରେ ଅଚ୍ୟୁତାନନ୍ଦଙ୍କ ମାଳିକାକୁ ସର୍ବଶ୍ରେଷ୍ଠ ଭାବରେ ପରିଗଣିତ କରାଯାଏ।



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ଅଚ୍ୟୁତାନନ୍ଦଙ୍କର ଏହି ମାଳିକାଗ୍ରନ୍ଥ କଳି ଯୁଗ ମାଳିକା, ଜାଇଫୁଲ ମାଳିକା ଓ ଦଶପଟଳ ମାଳିକା ଇତ୍ୟାଦି ନାମରେ ବର୍ଣ୍ଣିତ। କଳି ଯୁଗ ମାଳିକାସ୍ଥ ପ୍ରଥମ ବୋଲିରେ କବି ପ୍ରକାଶ କରିଛନ୍ତି ଯେ ଘୋର କଳିକାଳ ଆଗମନରେ ଦୁଷ୍ଟଗଣ ଅଜ୍ଞାନରେ ମାତିବେ ଓ ଭକ୍ତମାନଙ୍କୁ ନିନ୍ଦା କରିବେ। ଏହି ସମୟରେ କବି ନିଜେ ପଦ୍ମବନରେ ରହି ଲୀଳା ଦର୍ଶନ କରିବେ। ଦୁଷ୍ଟ ଲୋକଙ୍କୁ ସଂହାର କରିବା ପାଇଁ ମହାମାୟୀ ଖର୍ଗର ଦାରଣ କରିବେ, ଭୈରବୀ ଡାକିବେ, ଲୋକମାନେ ଭୈରବୀ ଡାକରେ ଭୟଭୀତ ହୋଇ ଅସ୍ଥିର ହେବେ। ଏପରି ଦୁର୍ଦ୍ଦିନ ସମୟରେ ଯେଉଁମାନେ ଏକାକ୍ଷର ମନ୍ତ୍ର ଜପ କରୁଥିବେ ସେମାନେ ସୁଖ ଲାଭ କରିବେ। କବିଙ୍କ ଭାଷାରେ 'ଏକାକ୍ଷର ମନ୍ତ୍ର ଜପ ଯେଉଁ ମାନଙ୍କର, ଆନନ୍ଦ ହୋଇବେ ଲୀଳା ଦେଖିବେ ପ୍ରଭୁର। ଅତି ସୁଖେ ଦିନ ନେବେ ଦୁଃଖ ଥିଲେପାଇ, ଅଚ୍ୟୁତ ଗୀତ ଯୋଡ଼ି ପଦ୍ମପାଦ ଧ୍ୟାୟୀ।' 'ଜାଇଫୁଲ ମାଳିକା' ବୋଲିରେ କବି ରାମଦାସଙ୍କ ଆଗରେ କଳି ଜନ୍ମ ପ୍ରସଙ୍ଗ ଦର୍ଶାଇଛନ୍ତି, କଳି ଜନ୍ମ ହେବାବେଳେ ମିଥ୍ୟା, ପାପ, ହିଂସା, ଦ୍ୱନ୍ଦ, କପଟ, ଅନ୍ୟାୟ, ଅନାଚାର ଆଦିକୁ ସଂଗରେ ଧରି ଆସିଛନ୍ତି। କେବଳ ଏତିକି ନୁହେଁ ଆସିଲାବେଳେ ଅଧର୍ମ, କ୍ରିୟାହୀନ, ଲଂପଟ, ପରଶ୍ରୀକାତରତା, ଅଳସ, କୃପଣ, କ୍ରୋଧ, ନିଷ୍ଠୁର, ଅଜ୍ଞାନ, ଲୋଭ, ମୋହ ଇତ୍ୟାଦି ପାରିଷଦ ମାନଙ୍କୁ ସଙ୍ଗରେ ଆଣି କଳି ରାଜତ୍ୱ କରୁଛନ୍ତି। ଏମାନଙ୍କ ଯୋଗୁ କଳିଯୁଗରେ ଲୋକମାନେ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ କବି ପ୍ରଥମେ ସଦ୍‌ଗୁରୁ ସେବା ମାହାତ୍ମ୍ୟ ଦର୍ଶାଇ କହିଛନ୍ତି - 'ସଦ୍‌ଗୁରୁ ନାମସ୍ମରଣ ତେବେ ଭବସିନ୍ଧୁ ହୋଇବୁପାର ଲୋ ଜାଇଫୁଲ, ବେଗେ ଲଙ୍ଘି ସାଧନକର।' ଆଗତ ଭବିଷ୍ୟତ ମାଳିକାରେ ଅଚ୍ୟୁତାନନ୍ଦ କଳିଯୁଗର ଆଗତ ଭବିଷ୍ୟବାଣୀକୁ ଉଲ୍ଲେଖ କରିଛନ୍ତି। ଘୋର କଳିଯୁଗ ଆଗମନରେ ଘୋର ବିଭ୍ରାଟ ସୃଷ୍ଟି ହେବ। ଦୁଷ୍ଟ ଅଜ୍ଞାନମାନେ ମାତିଯିବେ। ସେ ନିଜେ ନେମାଳ ଗ୍ରାମରେ ରହି ଏପରି ଲୀଳା ଦର୍ଶନ କରିବେ। 'ନଳିନ ବନ ଲୁଚିଛି ନେମାଳ ଗ୍ରାମରେ, ଲୀଳା ପ୍ରକାଶିବ ଆଦ୍ୟ ସେହି ଯେ ଠାବରେ। ନାଶ ଯିବେ ଦୁଷ୍ଟଲୋକ ହେବ ହାଣଗୋଳ, ଲୀଳା ଦେଖୁଥିବ ବସି ଅଚ୍ୟୁତ ପାମର।' ଦଶପଟଳ ମାଳିକାରେ ଧର୍ମ ସମ୍ବନ୍ଧୀୟ ବହୁ ଉଦାରବାଦ ଏଥିରେ ପ୍ରକାଶ କରିଛନ୍ତି। ପ୍ରତିଯୁଗରେ ପଞ୍ଚସଖାଙ୍କ [illegible]



ପ୍ରସଙ୍ଗ ଏଥିରେ ବର୍ଣ୍ଣନା କରି ଏହି ପଞ୍ଚସଖାଙ୍କ ରଚିତ ଶ୍ରବଣ କଲେ ସର୍ବ ଦୁଃଖ ଦୂର ହୋଇଯାଏ ବୋଲି କବି ପ୍ରକାଶ କରିଛନ୍ତି। କବିଙ୍କ ଭାଷାରେ 'ପଞ୍ଚସଖାଙ୍କର ଜନ୍ମ ରଚିତ, ଶ୍ରବଣେ ନାଶ ହୁଅଇ ଦୂରିତ।' କବି ମାଳିକା ଗ୍ରନ୍ଥରେ ଉତ୍କଳର ବହୁ ଭବିଷ୍ୟତ ସୂଚନା ପ୍ରଦାନ କରିଛନ୍ତି। ଅବଶ୍ୟ ଏକଥା ସତ ଯେ ଯଦିଓ ମୂଳଗ୍ରନ୍ଥଟି ଅଚ୍ୟୁତାନନ୍ଦଙ୍କ ଦ୍ୱାରା ରଚିତ ପରେ କିନ୍ତୁ ଏହି ଗ୍ରନ୍ଥରେ ବହୁ ବିଷୟ ଯୋଗ ହୋଇ ପ୍ରଚାର ଲାଭ କରିଥିବା କଥା ସ୍ପଷ୍ଟ ଅନୁମିତ ହୁଏ। ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ହେଉଛନ୍ତି ମାଳିକା ସାହିତ୍ୟର ପ୍ରାଣକେନ୍ଦ୍ର। ଏଥିରେ ଶ୍ରୀ ଜଗନ୍ନାଥଙ୍କର କଳ୍‌କୀ ଲୀଳା ଓତଃପ୍ରୋତ ଭାବେ ଜଡ଼ିତ। ସମାଜ ସଂସ୍କାର ପାଇଁ ମାଳିକାର ଦାନ ଅତୁଳନୀୟ। ସାଧାରଣ ନିରୀହ ଜନତାଙ୍କ ପାଇଁ ଏହା ହେଉଛି ମୃତସଂଞ୍ଜିବନୀ। ଗଭୀର ଭାବରେ ଦୃଷ୍ଟିପାତ କଲେ ଆମେ ବୁଝି ପାରିବା ଯେ ଧର୍ମର ପ୍ରତିଷ୍ଠା ପାଇଁ ଯେତେବେଳେ ପ୍ରଭୁ ଧରାଧାମରେ ଅବତରଣ କରିବେ ସେ ବାରହାତି ତରବାରୀ ସାହାଯ୍ୟରେ କାହାକୁ ହତ୍ୟା କରିବେ ନାହିଁ। ବରଂ ଲୋକମାନଙ୍କ ମ୍ଳେଚ୍ଛତ୍ୱକୁ ବିନାଶ କରି ଜ୍ଞାନ ଖଡ଼ଗ ଦ୍ୱାରା ଜଗତକୁ ପ୍ରେମ ଓ ମୈତ୍ରୀ ଶିକ୍ଷାଦେବେ। ତାହା ହିଁ ହେବ କଳ୍‌କୀର ପ୍ରକୃତ ବିଜୟ। କଳ୍‌କୀ ଅର୍ଥ କଳଙ୍କି। ଆମେ ସମସ୍ତେ ମାତୃଗର୍ଭରୁ ନିଷ୍ପାପ ହୋଇ ଆସିଥାଉ। ମାତ୍ର ମାୟା ସଂସାରର ବଶବର୍ତ୍ତୀ ହୋଇ ପାପରେ ବୁଡ଼ିଯାଉ। ଏହି ପାପ ହିଁ କଳ୍‌କୀ ବା କଳଙ୍କି, କଳଙ୍କି ଲାଗିଥିବା ଲୁହାକୁ କିରାସିନିରେ ଘଷିଲେ ଯେପରି ତାର ଶୁଦ୍ଧରୂପ ଫେରିଆସେ ଆମେ ସେହିପରି ଆମ ଅନ୍ତଃକରଣକୁ ଶୁଦ୍ଧ ଓ ନିର୍ମଳ କରିପାରିଲେ ବିଶୁଦ୍ଧ ଶରୀର ଫେରିପାଇବା। ଏହା ହିଁ ମାଳିକାର ପ୍ରକୃତ ନିର୍ଯ୍ୟାସ ଓ ସତର୍କବାଣୀ। ଏକ ସୁସ୍ଥ ବ୍ୟକ୍ତିସତ୍ତା, ସମାଜସତ୍ତା ଓ ବିଶ୍ୱ ସତ୍ତାର ଅଭ୍ୟୁଦୟ ପାଇଁ ମାଳିକା ସଂକଳନ ଏବଂ ଆଶୀର୍ବାଦ ସଦୃଶ।

ଶୂନ୍ୟ ପୋଥିରେ ଏବେ ବି ମାଳିକା ଲେଖା ଚାଲିଛି। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ଭକ୍ତମାନଙ୍କର ପ୍ରଶ୍ନର ସମାଧାନ ପୋଥିରୁ ମିଳୁଛି। ଶୂନ୍ୟ ପୁରୁଷ ଶୂନ୍ୟରେ ରହି




ଭକ୍ତମାନଙ୍କ ପାଇଁ ଭବିଷ୍ୟବାଣୀ ପୋଥିରେ ଲେଖି ମନାସୁଥିବା ପ୍ରଶ୍ନର ଉତ୍ତର ଲେଖି ଦେଉଛନ୍ତି। ମାତ୍ର ଯେଉଁମାନେ ଏହି ପୋଥିକୁ ପାଇ ବ୍ୟବସାୟ କରି ଲାଭବାନ ହେବାକୁ ପ୍ରୟାସ କରୁଛନ୍ତି ଦଣ୍ଡିତ ହେଉଛନ୍ତି। ସେଥିପାଇଁ ବେଳହୁଁ ସାବଧାନ ହେବା ପାଇଁ ଅଚ୍ୟୁତାନନ୍ଦ ସତର୍କ କରାଇ ଲେଖିଛନ୍ତି 'ହରିଗୁଣ ମିଶାଇବା ନୁହଇ ସହଜ, ହେଜାଇ କହେ ଅଚ୍ୟୁତ ବାଂଧ ମଉଗତ। ଲୋକ ନକରିବୁ ବାବୁ ଗୁପତେ ରହିବୁ, କ୍ଷିତି ମଧ୍ୟେ କାଲ ଜଡ଼ା ପ୍ରାୟ ରହିଥିବୁ, ଛାଡ଼ିବ ଗାରିମା ତୋର ହୋଇବ ନିର୍ମଳ, ଛାର ଅଚ୍ୟୁତ ଦାସର ଏହି ଭାବ ମୂଳ।'

*ପ୍ଲଟନଂ : ୧୦୮୨/ଡି, ସେକ୍ଟର-୬,*
*ସିଡିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*

# ହୀରାକୁଦ ଡ୍ୟାମର ରୋପ୍ ୱେ କାର୍ଯ୍ୟକ୍ଷମ



**ସମ୍ବଲପୁର,(ଦାମୋଦର ପଣ୍ଡା) :** ଜବାହାର ଉଦ୍ୟାନ ଠାରୁ ହୀରାକୁଦ ଜଳଭଣ୍ଡାର ଦେଇ ବୁର୍ଲା ସ୍ଥିତ ଗାନ୍ଧୀ ମୀନାରକୁ ସଂଯୋଗ କରୁଥିବା ୪୨୧ ମିଟରର ରୋପ ୱେ କାର୍ଯ୍ୟକ୍ଷମ ହୋଇଛି। ଏଣିକି ପର୍ଯ୍ୟଟକମାନେ ଉଭୟ ପାର୍ଶ୍ୱରୁ ରୋପ ୱେର ମଜା ଉଠାଇ ପାରିବେ ଏବଂ ହୀରାକୁଦ ଜଳଭଣ୍ଡାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଅନ୍ୟତମ ଆକର୍ଷଣ ହେବ। ପ୍ରଥମ ପର୍ଯ୍ୟାୟରେ ଏହା ୮ଟି କେବିନ ଥିବା ବେଳେ ଏହା ୧୨ଟି କେବିନିକୁ ବୃଦ୍ଧି କରାଯିବ ବୋଲି ସମ୍ବଲପୁର ମହାନଗର ନିଗମ ତରଫରୁ ସୂଚନା ଦିଆଯାଇଛି। ଏଥିପାଇଁ ଜଣପିଛା ୫୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି ଏବଂ ୪ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଦେୟମୁକ୍ତ ରହିବ। ସୂଚନାଯୋଗ୍ୟ ଯେ, ଏହି ରୋପ ୱେ ନିର୍ମାଣ କାର୍ଯ୍ୟ ୨୦୧୬ ମସିହା ଏପ୍ରିଲ ମାସରୁ ଆରମ୍ଭ ହୋଇ ଡିସେମ୍ବର ୨୦୧୪ ସୁଦ୍ଧା ଶେଷ ହେବାର ଥିଲା। ମାତ୍ର ବନ ବିଭାଗର ଅନୁମୋଦନ ଯୋଗୁଁ କାର୍ଯ୍ୟ ବନ୍ଦ ରହି ୨୦୧୭ ମେ' ମାସରେ ପୁଣି କାର୍ଯ୍ୟ ଆରମ୍ଭ ହୋଇଥିଲା। ଶେଷରେ ଗତ ଫେବୃଆରୀ ୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ୬.୨୬ କୋଟି ଟଙ୍କାରେ ନିର୍ମିତ ଏହି ପ୍ରକଳ୍ପର ପରିଚାଳନା ଦାୟିତ୍ୱ ନିର୍ମାଣକାରୀ ସଂସ୍ଥା କୋଲକତାର ଦାମୋଦର ରୋପ ୱେକୁ ପ୍ରଦାନ କରାଯାଇଛି। ତିନିବର୍ଷ ପାଇଁ ଉକ୍ତ ସଂସ୍ଥାକୁ ଅଧିକ ୨ କୋଟି ଟଙ୍କା ଦିଆଯିବ ବୋଲି ନିଗମ ସୂତ୍ରରୁ ପ୍ରକାଶ।

**ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭା ବନ୍ଦ ହେବା ପ୍ରସଙ୍ଗ**

# ବଦନାମ ହେବା ଭୟରେ ବିଧାନସଭାକୁ ବନ୍ଦ କରିଦେଲେ ସରକାର : ବିଜେପି

**ଭୁବନେଶ୍ୱର :** ବିଧାନସଭାର ଶୀତ ଅଧିବେଶନ ପୂର୍ବ ନିର୍ଦ୍ଧାରିତ ସମୟର ୧୭ ଦିନ ପୂର୍ବରୁ ବନ୍ଦ କରିଦିଆଗଲା । ରାଜ୍ୟରେ ଅନେକ ସମସ୍ୟା ଥିବା ସତ୍ୱେ ହଠାତ୍ ବିଧାନସଭାକୁ ବନ୍ଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ରାଜ୍ୟବାସୀଙ୍କୁ ଧୋକ୍କା । ଶାସକ ଦଳ ରାଜ୍ୟବାସୀଙ୍କ ସମସ୍ୟାକୁ ସାମ୍ନା କରି ନପାରି ଏଥିରୁ ଦୂରେଇ ଯିବା ଷଡଯନ୍ତ୍ରର ଏହା ଏକ ଅଙ୍ଗ ବୋଲି ରାଜ୍ୟ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେଠୀ କହିଛନ୍ତି ଯେ, ବିଧାନସଭା ଆରମ୍ଭରୁ ବିରୋଧୀ ବିଜେପି ଜନ ଜମସ୍ୟାକୁ ନିରନ୍ତର ଭାବେ ଗୃହରେ ଉଠାଇ ଆସୁଥିଲା । ଯାଜପୁର ପିଇଓ ସ୍ମିତାରାଣୀ ଦୁଷ୍କର୍ମ ଏବଂ ହତ୍ୟାକାଣ୍ଡ ମାମଲାରେ ଅପଦସ୍ତ ହେବା ଆଶଙ୍କାରେ ବିଜେଡି କଂଗ୍ରେସ ସହ ଷଡଯନ୍ତ୍ର କରି ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଆଲୋଚନା କରାଇ ଦେଇନଥିଲା । ମହିଳଆ ଓ ନାବାଳିକା ଦୁଷ୍କର୍ମ ମାମଲା ଦିନକୁ ଦିନ ରାଜ୍ୟରେ ବୃଦ୍ଧି ପାଇବାରେ ଲାଗିଛି । ଅନେକ ସ୍ଥାନରେ ଦୋଷୀମାନଙ୍କୁ ଖସାଇ ଦିଆଯାଉଛି । ଅପରାଧୀ ମାନେ ଦଣ୍ଡ ପାଇବା ଦୂରର କଥା ସେମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଦୋଖଲ ହୋଇପାରୁନାହିଁ । ରାଜ୍ୟରେ ବିଭିନ୍ନ ସ୍ଥାନରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘୋଟଲା ପ୍ରତିଦିନ ସାମ୍ନାକୁ ଆସୁଛି ।




ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ବିଧାନସଭା ଚାଲିଥିଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଳଙ୍କାରୀ ସମ୍ବନ୍ଧରେ ଆଲୋଚନା ହୋଇଥାନ୍ତା । ରାଜ୍ୟରେ ହଜାର ହଜାର ସଂଖ୍ୟାର ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାରୁ ବଂଚିତ । ଅପରପକ୍ଷେ ଦଳୀୟ ଆଧାରରେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ସରକାରୀ କଳ ମାଧ୍ୟମରେ ଘର ଯୋଗାଇ ଦିଆଯାଉଛି । ସଦନ ଚାଲିଥିଲେ ପାନୀୟ ଜଳ ଅଭାବ, ଚାଷ ଓ ଚାଷୀ ସମସ୍ୟା, ବିପର୍ଯ୍ୟସ୍ତ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା, ପ୍ରଶାସନିକ ସ୍ତରରେ ଦୁର୍ନୀତି, ମହିଳା ସୁରକ୍ଷା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥାନ୍ତା । ଏହା ଦ୍ୱାରା ଶାସକ ଦଳ ଅଡୁଆରେ ପଡିବାର ଭୟ ଥିବାରୁ ବିଧାନସଭାକୁ ବନ୍ଦ କରାଗଲା ବୋଲି ଶ୍ରୀ ସେଠୀ ଅଭିଯୋଗ କରିଛନ୍ତି । ଅନେକ ସ୍ୱଂୟ ସହାୟକ ଗୋଷ୍ଠୀ ସାହୁକାର ସାଜି ପଶ୍ଚିମ ଓଡିଶାରେ ଦାଦନ ସମସ୍ୟା ସୃଷ୍ଟିରରେ ସହାୟକ ହେଲେଣି । ସେହିପରି ଧାନବିକ୍ରିକୁ ନେଇ ଟୋକନ ବ୍ୟବସ୍ଥା ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ କରାଯାଇଛି । ରାଜ୍ୟରେ ପିଆଜ ସମେତ ବିଭିନ୍ନ ଅତ୍ୟାବଶକୀୟ ସାମଗ୍ରୀର ଦର ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି । ଫୋନି ଅର୍ଥ ରାଜ୍ୟସରକାର ଆତ୍ମସାତ କରିବା, ଯୋଗ୍ୟ ହିତାଧିକାରୀଙ୍କୁ ଘର ନମିଳିବା, ଶାସକଦଳ ବିଧାୟକ ପ୍ରଦୀପ ମହାରଥୀ ୧୦୦ କୋଟି ଏବଂ ପୂର୍ବତନ କଂଗ୍ରେସ ବିଧାୟକ ଯୁଧିଷ୍ଠୀର ସାମନ୍ତରାୟ ୩୦୦ କୋଟିରୁ ଉର୍ଦ୍ଧ୍ୱ ସରକାରୀ ଜମି ହଡପ କରିବା, ଆଳୁ ମିଶନରେ କୋଟି କୋଟି ଟଙ୍କା ହଡପ ହେବା, ବୁଲବୁଲ ବାତ୍ୟା କ୍ଷତିଗସ୍ତ ଲୋକଙ୍କୁ କ୍ଷତିପୂରଣ ଦେବା, ବେସରକାରୀ ମେଡିକାଲରେ ରାଜ୍ୟସରକାର ନିୟନ୍ତ୍ରଣ ନରହିବା ଆଦି ପ୍ରସଙ୍ଗ ସହ ଜିଲ୍ଲାଗୁଡିକର ସ୍ଥାନୀୟ ସମସ୍ୟା ସଂପର୍କରେ ଆଲୋଚନା ହୋଇଥାନ୍ତା । ବିଜେଡି ଭାବୁଛି ପ୍ରସଙ୍ଗ ଆଧାରରେ ନୁହେଁ ବରଂ ଭୋଟରକୁ ମ୍ୟାନେଜ କରି ନିର୍ବାଚନ ଜିତାଯାଇପାରେ । ସେଥିଲାଗି ବିଜେଡି ପ୍ରସଙ୍ଗର ସାମ୍ନା ନକରି ବଦନାମ ହେବା ଭୟରେ ଲୋକଙ୍କ ସମସ୍ୟାଠାରୁ ଦୂରେଇ ଯାଉଛି । ରାଜ୍ୟସରକାଙ୍କ ସଂସ୍କୃତି ମନ୍ତ୍ରୀ ଯେଉଁଭଳି ଦୁଇଜଣ ମହିଳାଙ୍କ ସହ ସରକାରୀ ଖର୍ଚ୍ଚରେ ହାଇଦ୍ରାବାଦ ଯିବା ପରେ ରାଜ୍ୟସରକାର ପର୍ଯ୍ୟଟନ ମନ୍ତ୍ରୀଙ୍କୁ କ୍ଲିନଚିଟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଆଗାମୀ ଦିନରେ ବିଜେପି ବିଧାନସଭାରେ ନହେଲେ ବି ରାଜରାସ୍ତାରେ ଲୋକଙ୍କ ସମସ୍ୟା ଉଠାଇ ଆନ୍ଦୋଳନ କରିବ । ଓଡିଶାବାସୀଙ୍କ ଜୀବନକୁ ପ୍ରଭାବତି କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡିକୁ ନେଇ ସରକାରଙ୍କୁ ଉତର ମାଗିବ ବୋଲି ଶ୍ରୀ ସେଠୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ମୁକେଶ ମହାଲିଙ୍ଗ, ବିଧାୟିକା କୁସୁମ ଟେଟେ ଏବଂ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



# ସରିଲା ଜାତୀୟ ଜନଜାତି କଳାସାମଗ୍ରୀ ମେଳା













## ‘ବିଲୁପ୍ତପ୍ରାୟ ଜନଜାତି କଳା, ସଂସ୍କୃତି ବଞ୍ଚାଇ ରଖିବା ଗୁରୁତ୍ୱପୂର୍ଣ୍ଣ’

**ଭୁବନେଶ୍ୱର:** ୮ବର୍ଷ ଧରି ଜନଜାତି ସଂଗ୍ରହାଳୟ ପରିସରରେ ଏଭଳି ପ୍ରଦର୍ଶନୀ ଆୟୋଜିତ ହୋଇଆସୁଛି। ଏହାର ମୂଳ ଉଦ୍ଦେଶ୍ୟ ହେଲା ବିଲୁପ୍ତପ୍ରାୟ ଜନଜାତିର ଲୋକକଳା, ଲୋକ ସଂସ୍କୃତି, ପରମ୍ପରା, ଭାଷା ଏବଂ ସେମାନଙ୍କ କଳା ନୈପୂଣ୍ୟକୁ ପୁନରୁଦ୍ଧାର କରିବା ସହିତ ଏହାକୁ ବଞ୍ଚାଇ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ନିରନ୍ତର ପ୍ରୟାସ ଦ୍ୱାରା ଆମ ରାଜ୍ୟର କଳାକାରମାନେ ଅନ୍ୟ ରାଜ୍ୟର କଳାକାରମାନଙ୍କ ସହ ପରସ୍ପର ଭାବ ବିନିମୟ କରି ସେମାନଙ୍କ କଳାକୌଶଳ ଶିଖିବା ଓ ଆମର କଳାକୌଶଳକୁ ସେମାନଙ୍କ ଭିତରେ ବଣ୍ଟାଯାଇ ପାରିବ। ଏହାଦ୍ୱାରା ଅତୀତ ଓ ଆଧୁନିକତାର ଏକ ନୂତନ ପିଢ଼ି ସୃଷ୍ଟି ହୋଇପାରିବ। ଯେଉଁମାନେ ବର୍ତ୍ତମାନର କାରିଗରୀ କୌଶଳକୁ ଆଗାମୀ ଦିନରେ ପ୍ରୟୋଗ କରି ଜନଜାତି କଳାର ଏକ ସ୍ମରଣୀୟ ଚିତ୍ର ପ୍ରଦାନ କରିପାରିବ। ଯେପରିକି ମଧ୍ୟପ୍ରଦେଶର ଜନଜାତି କାରିଗରମାନେ ଯେଉଁ ଗଣ୍ଡ ପେଣ୍ଟିଂ କରୁଛନ୍ତି ତାହା ଆମ ରାଜ୍ୟର ଜନଜାତି କାରିଗରମାନେ ଶିକ୍ଷାଲାଭ କରିପାରିବେ। ଫଳରେ ଉଭୟ ରାଜ୍ୟର ଜନଜାତି କାରିଗରଙ୍କ ଶିଳ୍ପ କଳା ଆହୁରି ଉନ୍ନତ ହୋଇପାରିବ। ସବାଇଘାସରୁ ପ୍ରସ୍ତୁତ ଆମ ରାଜ୍ୟର ସାମଗ୍ରୀ ଓ ଅନ୍ୟ ରାଜ୍ୟର ସାମଗ୍ରୀ ଭିତରେ ଥିବା ଭିନ୍ନତାକୁ ପରଖି ଏଥିରୁ ନୂତନ ସାମଗ୍ରୀର ତିଆରି ମଧ୍ୟ ସମ୍ଭବ ହୋଇପାରିବ। ଏଥିସହିତ ଜନଜାତି କାରିଗରମାନେ ପ୍ରସ୍ତୁତ କରୁଥିବା ସାମଗ୍ରୀର ମାର୍କେଟିଂ ପାଇଁ ଯେଭଳି ଦକ୍ଷତା ଓ ଡିଜାଇନିଂର ଆବଶ୍ୟକତା ରହିଛି ତାହା ପ୍ରଶିକ୍ଷଣ ମାଧ୍ୟମରେ କିଭଳି ସଫଳ ହୋଇପାରିବ ତାହା ମଧ୍ୟ ଏହି ପ୍ରଦର୍ଶନୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବର୍ତ୍ତମାନ ସମୟରେ ପ୍ରତ୍ୟେକ ଜିନିଷ ଡିଜିଟାଲ ଆଡକୁ ଗତି କରୁଥିଲା ବେଳେ ଜନଜାତି କାରିଗରମାନେ ଏଥିରୁ କିଭଳି ସୁଫଳ ପାଇପାରିବେ ତାହା ମଧ୍ୟ ମେଳା ଆୟୋଜନ କରିବାର ମୁଖ୍ୟ ଲକ୍ଷ୍ୟ।




**ଡ. ଅଖିଳ ବିହାରୀ ଓତା**
ଉପଦେଷ୍ଟା ତଥା ନିର୍ଦ୍ଦେଶକ
(ଏସ୍‌ସିଏସ୍‌ଟିଆରଟିଆଇ)

**ଭୁବନେଶ୍ୱର :** ସିଆରପି ଛକ ନିକଟସ୍ଥ ଜନଜାତି ସଂଗ୍ରହାଳୟ ପରିସରରେ ନଭେମ୍ବର ୨୩ରୁ ୨୯ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଅଷ୍ଟମ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଜନଜାତି ଶିଳ୍ପୀକୁଳକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୧ଟି ଆଦିବାସୀ ଭାଷାରେ ପ୍ରସ୍ତୁତ ୪୫ଟି ସହାୟକ ପଠନ ପୁସ୍ତିକାକୁ ଲୋକାର୍ପଣ କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶା ସମେତ ସିକିମ୍, ମହାରାଷ୍ଟ୍ର, ତାମିଲନାଡୁ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ମଣିପୁର, ଛତିଶଗଡ଼, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜୁରାଟ, ଉତ୍ତରପ୍ରଦେଶ, ଆସାମ, ନାଗାଲାଣ୍ଡ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ ଭଳି ୧୮ଟି ରାଜ୍ୟରୁ ୨୪୦ କାରିଗର ଅଂଶଗ୍ରହଣ କରିବା ସହିତ ନିଜ ହାତ ତିଆରି ସାମଗ୍ରୀର ପ୍ରଦର୍ଶନ ସହିତ ବିକ୍ରିବଟା କରିଥିଲେ। ମୋଟ ୭୦ଟି ଷ୍ଟଲରେ ହସ୍ତଶିଳ୍ପ, ତନ୍ତବୁଣା ସାମଗ୍ରୀ, ଲୌହ, ବାଉଁଶ କାରୁକାର୍ଯ୍ୟ, କଣ୍ଢେଇ, କାଷ୍ଠ ସାମଗ୍ରୀ, ଲାଖ ଚୁଡ଼ି, ଜନଜାତି ଅଳଙ୍କାର, ବସ୍ତ୍ର, ଡୋକ୍ରା ଶିଳ୍ପ ଆଦିର ପ୍ରଦର୍ଶନ ସହ ବିକ୍ରୟ କରାଯାଇଥିଲା। ଏଥିସହିତ ଟ୍ରାଇଫେଡ୍, ଟିଡିସିସି, ଓ୍ୱାର୍ଲ୍ଡ ଆକ୍ଟ, ଅନ୍ୱେଷା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ସିଆରଟିଆଇ), ଏଟି ଏଲ୍‌ସି ପକ୍ଷରୁ ମଧ୍ୟ କଳା ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଭାଗୀୟ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା, ନିର୍ଦ୍ଦେଶକ ସଚିନ ଆର ଯାଦବ, ଏସ୍‌ସିଏସ୍‌ଟିଆରଟିଆଇର ଉପଦେଷ୍ଟା ତଥା ନିର୍ଦ୍ଦେଶକ ଡକ୍ଟର ଅଖିଳ ବିହାରୀ ଓତା ପ୍ରମୁଖ ଉପସ୍ଥିତ ଥିଲେ।


ଏହି ମେଳାରେ ଜନଜାତି ହସ୍ତତନ୍ତ କାରିଗାରମାନେ ତନ୍ତରେ ଶାଢ଼ୀ ବୁଣି ତା’ର କଳା କୌଶଳ ଦର୍ଶକମାନଙ୍କୁ ବୁଝାଇଥିଲେ। ପ୍ରଦର୍ଶନୀ ପରିସରରେ ତନ୍ତ ବସାଇ ନିଜର ପାରମ୍ପରିକ କଳା କୌଶଳ ପ୍ରଦର୍ଶନ କରିଥିଲେ ଏହି କାରିଗରମାନେ। ଛତିଶଗଡର ଲୌହ କାରିଗରମାନେ ଛୋଟବଡ ଲୁହାରେ ବିଭିନ୍ନ ପ୍ରକାର କଳା ସାମଗ୍ରୀ ଏଠାରେ ପ୍ରସ୍ତୁତ କରିଥିଲେ। ବିଭିନ୍ନ କଳା ସାମଗ୍ରୀର ସିଧାସଳଖ ପ୍ରସ୍ତୁତି ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରୁଥିଲା। ବିଭିନ୍ନ ଷ୍ଟଲରେ ପତ୍ର ତିଆରି ଶିଆଳି ପତ୍ରର ଟୋପି, ଖଜୁରୀ ପତ୍ରର ଗୃହସଜ୍ଜା ସାମଗ୍ରୀ ଆଦି ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା। ଜୟପୁରର ପାରମ୍ପରିକ ଜନଜାତି ଅଳଙ୍କାର ଯଥା- ଖଡୁ, ଗୋଡ ମୁଦି, ପାଉଁଜି, ହାତ ମୁଦି, ରୂପା ଅଳଙ୍କାର, ସାନ୍ତାଳୀ ଶାଢ଼ୀ, ଫୁଟା ଶାଢ଼ୀ, ଟସର ସାଲ, ଟସର ଧୋତି ଯୋଡ ଏଠାରେ ବିକ୍ରୟ କରାଯାଉଥିବାର ଦେଖାଯାଇଥିଲା। ଏହି ପ୍ରଦର୍ଶନୀକୁ ୫୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ବୁଲି ଦେଖିବା ସହିତ ବିଭିନ୍ନ ଘରକରଣା ସାମଗ୍ରୀ ମାନ କ୍ରୟ କରିଥିଲେ। ବିଶେଷକରି ମହିଳା ଦର୍ଶକମାନେ ନିଜ ପସନ୍ଦର ସାମଗ୍ରୀ ଏଠାରୁ ସଂଗ୍ରହ କରୁଥିବାର ଦେଖିବାକୁ ମିଳିଥିଲା।

ଜାତୀୟ ଜନଜାତି କଳାସାମଗ୍ରୀ ମେଳାରେ ତାମିଲନାଡୁର ବୟନଶିଳ୍ପ ପ୍ରଥମ ପୁରସ୍କାର, ଛତିଶଗଡ଼ର କାଷ୍ଠଶିଳ୍ପ ଦ୍ୱିତୀୟ, ନୀଳଗିରି ଆଇଟିଡିଏ ଓ ଗୁଜୁରାଟ ଯୁଗ୍ମ ଭାବରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉପଦେଷ୍ଟା ତଥା ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚିବ ପ୍ରଫେସର ଡକ୍ଟର ଅଖିଳ ବିହାରୀ ଓତା ସମସ୍ତ କୃତୀ କଳାଶିଳ୍ପୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଜନଜାତି କଳାଶିଳ୍ପୀମାନଙ୍କୁ ମଧ୍ୟ ସ୍ମାରକ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।









# ସାମ୍ବାଦିକମାନଙ୍କ ପାଇଁ ମୁଁ ସମର୍ପିତ : ମାନସ ମଙ୍ଗରାଜ

**ଭୁବନେଶ୍ୱର :** ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବାକୁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲା। ଗତ କିଛିଦିନ ଧରି ସାମ୍ବାଦିକ ମିଳିତ ମଞ୍ଚ ତରଫରୁ ବିଭିନ୍ନ ମନ୍ତ୍ରୀ ଓ ବିଧାୟକମାନଙ୍କୁ ଭେଟି ଏ ଦିଗରେ ଆଇନ୍ ପ୍ରଣୟନ କରିବାକୁ ନିବେଦନ କରାଯାଇଥିଲା। ଏ ନେଇ ସାମ୍ବାଦିକମାନେ ରାଜ୍ୟ ସରକାରଙ୍କ ଗଣମାଧ୍ୟମର ଓ ଲୋକସମ୍ପର୍କ ବିଭାଗର ଉପଦେଷ୍ଟା ମାନସ ମଙ୍ଗରାଜଙ୍କୁ ଭେଟି ଆଲୋଚନା କରିଥିଲେ। ଆଲୋଚନା ପରେ ଶ୍ରୀଯୁକ୍ତ ମଙ୍ଗରାଜ କହିଥିଲେ ଯେ, ସାମ୍ବାଦିକମାନଙ୍କ ପାଇଁ ମୁଁ ଅଛି। ମୁଁ ସାମ୍ବାଦିକମାନଙ୍କ ଦୁଃଖ ଓ କଷ୍ଟକୁ ମୁଁ ଅନୁଭବ କରିପାରିଛି। ତେଣୁ ସାମ୍ବାଦିକମାନଙ୍କ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବା ପାଇଁ ମୁଁ ସରକାରଙ୍କ ନିକଟରେ ମୋର ପ୍ରୟାସ ଜାରି ରଖିବି। ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ସାମ୍ବାଦକମାନଙ୍କ ସୁରକ୍ଷା, ପେନ୍‌ସନ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ସଚେତନ ବୋଲି ଶ୍ରୀ ମଙ୍ଗରାଜ ସାମ୍ବାଦିକମାନଙ୍କୁ କହିଥିଲେ। ଏ ନେଇ ପଞ୍ଚାୟତ ମନ୍ତ୍ରୀ ଅରୁଣ ସାହୁ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ମିଶ୍ର ଏବଂ ଲେନିନ୍ ମହାନ୍ତି ପ୍ରମୁଖଙ୍କୁ ମଧ୍ୟ ଭେଟି ଆଲୋଚନା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ, ଲିଙ୍ଗରାଜ ସାହୁ, ରାମଚଣ୍ଡୀ ରଣସିଂହ, ଆଲ୍‌ଫା ରାୟ, ଅରୁଣ କୁମାର ସାହୁ, ନୃସିଂହ ମହାପାତ୍ର, ଦେବାଶିଷ ପାତ୍ର, ଅଶୋକ କୁମାର ମହାନ୍ତି, ବିଜୟ ଜଗତି, ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲା କ୍ରିକେଟ ସଂଘର ନୂତନ କର୍ମକର୍ତ୍ତା

**ସୋନପୁର :** ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ସଂଘର ନୁତନ କର୍ମକର୍ତା ଚୟନ ହୋଇଯାଇଛି । ଏ ନେଇ ଏକ ବୈଠକ ଜିଲ୍ଲା କ୍ରିକେଟ ସଂଘ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ରାମଶଙ୍କର ସାହୁ ,ଉପସଭାପତି ଭାବେ ବି. ସତ୍ୟନାରାଣ ରାଓ,କ୍ଷେତ୍ରବାସି ସାହୁ,ସମ୍ପାଦକ ଭାବେ ପ୍ରଦିପ ସେଠୀ, ଯୁଗ୍ମ ସଂମ୍ପାଦକ ପାର୍ଥ ସାରଥୀ କର,ବାଙ୍କା ବିହାରି ମହଲା,ସଂଗଠନ ସମ୍ପାଦକ ଗିରି ଗୋବର୍ଦ୍ଧନ ଥନାପତି,କୋଷାଧକ୍ଷ ଶ୍ୟାମସୁନ୍ଦର ପାତ୍ର ପ୍ରମୁଖ ମନୋନିତ ହୋଇଥିବା ବେଳେ କାର୍ଯ୍ୟକାରି କମିଟିରେ ଅରବିନ୍ଦ ପୁଜାହାରୀ, ନବକୁମାର ସାହୁ, ରାଜେନ୍ଦ୍ର ମିଶ୍ର,ପଦ୍ମନାଭ ସଂଦେଓ, ସୁଦର୍ଶନ ପାତ୍ର, ଜ୍ଞାନେନ୍ଦ୍ର ପୁଝାରୀ, ପ୍ରଦିପ ସେଠୀ ପ୍ରମୁଖ ରହିଥିବା ସୁଚାନ ଦିଆଯାଇଛି।





# ମାଲାୟାଲମ କବି ଅକ୍କିତମଙ୍କୁ ଜ୍ଞାନପୀଠ



**ନୂଆଦିଲ୍ଲୀ :** ପ୍ରସିଦ୍ଧ ମାଲାୟାଲମ କବି ଅକ୍କିତମ ଅଚୁତନ ନାମ୍ବୁଦିରିଙ୍କୁ ସାହିତ୍ୟ କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ୫୫ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯିବ। ଗତ ଶୁକ୍ରବାର ଏନେଇ ଘୋଷଣା କରାଯାଇଛି। ମାଲାୟାଲମ କାବ୍ୟରେ ଆଧୁନିକତାର ପ୍ରସ୍ତାବକ ଭାବେ ପରିଚିତ ଅକ୍କିତମଙ୍କୁ ଏବେ ୯୩ବର୍ଷ ବୟସ ହୋଇଛି। ପୁରସ୍କାର ଚୟନ ବୋର୍ଡ ସର୍ବସମ୍ମତିକ୍ରମେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୁରସ୍କାର ବାବଦରେ ଅକ୍କିତମଙ୍କୁ ୧୧ଲକ୍ଷ ନଗଦ ଅର୍ଥ ସହ ଦେବୀ ସରସ୍ୱତୀଙ୍କ କାଂସ୍ୟ ପ୍ରତିମୂର୍ତ୍ତି ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଷଷ୍ଠ ମାଲାୟାଲମ ଲେଖକ ଭାବେ ଅକ୍କିତମଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯିବ।



**ଭୁବନେଶ୍ୱର :** ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଭାଷା ସଂସ୍କୃତି ସମାଜର ମାସିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ନରେନ୍ଦ୍ର ଦାଶ ସଭାପତିତ୍ୱ କରିଥିଲା ବେଳେ ଗୀତିକବି ବିପିନ୍ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବରିଷ୍ଠ କବି ଯୋଗେନ୍ଦ୍ର ନାୟକ, ଚମକ ଚାନ୍ଦିନୀ ଦାଶ, ପ୍ରଫେସର ବିଷ୍ଣୁପ୍ରିୟା ହୋତା, ଡକ୍ଟର ରମେଶ ପ୍ରସାଦ ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, ପ୍ରତିମାରାଣୀ ଦାସ ଓ ଦିଲ୍ଲୀପ ବେଉରା ପ୍ରମୁଖ ୭୦ଜଣ କବି କବିତା ପାଠ କରିଥିଲେ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି